# ଜଙ୍ଗଲରେ ବନ୍ଧୁକ କାରଖାନା ଠାବ




ଖବରଦାତା ସମ୍ମିଳନୀରେ ଏସ୍‌ପି ଅଲେଖ ଚନ୍ଦ୍ର ପହି ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି। ଗିରଫ୍ ୨ ଅଭିଯୁକ୍ତ।

**ଖୋର୍ଦ୍ଧା ଅଫିସ,୨୭।୪**

**୨ ପେଷାଦାର ଅପରାଧୀ ଗିରଫ**

- ୩ ଦେଶୀ ବନ୍ଧୁକ, ଗନ୍ ପାଉଡର, ଗୁଳି, ବାଇକ୍ ଜବତ
- ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଥ୍ୟ ଓକାଳିବ ପୋଲିସ

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଡମଣଭୂଇଁ ଜଙ୍ଗଲର ଏକ ପରିତ୍ୟକ୍ତ ଘରେ ଚାଲିଥିବା ଦେଶୀବନ୍ଧୁକ ତିଆରି କାରଖାନାକୁ ବୁଧବାର ଖୋର୍ଦ୍ଧା ପୋଲିସ ଠାବ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ପେଷାଦାର ଅପରାଧୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାଣପୁର ଥାନା ଅଧୀନ ନରେନ୍ଦ୍ରଇପୁର ଗ୍ରାମର ବିଦେଶୀ ଓରଫ ଦିଲୀପ କୁମାର ଦାସ ଏବଂ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ବଡ଼ସାହିର ଟିନା ଓରଫ ତ୍ରିଲୋଚନ ବେହେରା(୩୬)। ଟିନାଙ୍କ ନାମରେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ଏକାଧିକ ଥାନାରେ ଡକାୟତି, ଚୋରି, ଲୁଟ ଭଳି ୨୬ଟି ଆପରାଧିକ ମାମଲା ରହିଛି। ସେହିପରି ଦିଲୀପଙ୍କ ନାମରେ ବିଭିନ୍ନ ଥାନାରେ ୧୩ଟି ମାମଲା ରହିଛି।

ଟିନା ଓ ଦିଲୀପଙ୍କଠାରୁ ପୋଲିସ ୩ଟି ଦେଶୀବନ୍ଧୁକ, ୧୨ଏମ୍‌ଏମ୍‌ର ୬ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ଖାଲି କାର୍ତ୍ରିଜ୍, ୨ଶହ ଗ୍ରାମ ଗନ୍‌ପାଉଡର, ବନ୍ଧୁକ ତିଆରି ସାମଗ୍ରୀ, ଏକ ବାଇକ୍ (ନଂ. ଓଡି ୦୨-ବିଏନ୍-୭୬୦୮)କୁ ପୋଲିସ ଜବତ କରିଥିବା ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଲେଖ ଚନ୍ଦ୍ର ପହି ସୂଚନା ଦେଇଛନ୍ତି। ଏହି ବନ୍ଧୁକ କାରଖାନା ଓ ର୍‍ୟାକେଟ ପଛରେ କେଉଁମାନଙ୍କ ହାତ ରହିଛି ସେନେଇ ଖୋଳତାଡ଼ କରାଯିବ। ଖୁବ୍‌ଶୀଘ୍ର ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ଆଣି ଏ ସମ୍ପର୍କରେ ପଚରାଉଚୁରା କରାଯିବ ବୋଲି ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ସଦର ଥାନା ଅଧିକାରୀ ଅନିତା ସାହୁ ଏବଂ ଜଙ୍କିଆ ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଲୁଚିଛପି କାରବାର କରୁଥିଲେ**

ଡମଣଭୂଇଁ ଜଙ୍ଗଲର ଏକ ପରିତ୍ୟକ୍ତ ଘରେ ଦିଲୀପ ଓ ତ୍ରିଲୋଚନ ଲୁଚି ଛପି ଦେଶୀ ବନ୍ଧୁକ ତିଆରି କରୁଥିଲେ। ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଜଙ୍କିଆ ଓ ସଦର ଥାନା ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ବୁଧବାର ସେହି ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଦେଶୀ ବନ୍ଧୁକ, ଗନ୍ ପାଉଡର ସମେତ ବହୁ ସାମଗ୍ରୀ ମିଳିଥିଲା। ସେଠାରୁ ଦିଲୀପ ଓ ତ୍ରିଲୋଚନଙ୍କୁ ଗିରଫ କରାଯାଇ ଥାନାକୁ ଅଣାଯାଇ ଜେରା କରାଯାଇଥିଲା।

## ଖୋଲିଲା ଅପରାଧର ପେଡ଼ି

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଟିନା ଓରଫ ତ୍ରିଲୋଚନ ଜଣେ ଆନ୍ତଃଜିଲା ପେଶାଦାର ଅପରାଧୀ। ସେ ପଡ଼ୋଶୀ ଜିଲା ଓ ଜାତୀୟ ରାଜପଥରେ ଲୁଟପାଟ, ଡକାୟତି, ରାହାଜାନି, ଚୋରି ପ୍ରଭୃତି ବିଭିନ୍ନ ଘଟଣାରେ ସମ୍ପୃକ୍ତ। ତାଙ୍କ ନାମରେ ବାଲୁଗାଁ ଥାନାରେ ୧୧, ଖଲ୍ଲିକୋଟ ଥାନାରେ ୧୦, ବାଣପୁର ଥାନାରେ ୨, ରମ୍ଭା, ଛତ୍ରପୁର ଏବଂ ଜଙ୍କିଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ଦିଲୀପଙ୍କ ନାଁରେ ବାଙ୍କୀ ଥାନାରେ ୮, ବାଣପୁର ଥାନାରେ ୨, ବାଘମାରୀ, ବୈଦେଶ୍ୱର ଓ ଜଙ୍କିଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେ ୨୦୨୦ରେ ବାଘମାରୀ ଡକାୟତି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। କିଛିଦିନ ତଳେ ଜାମିନ୍‌ରେ ଜେଲ୍‌ରୁ ମୁକୁଳିଥିଲେ।

## ମାଷ୍ଟର ମାଇଣ୍ଡକୁ ଖୋଜିବ ପୋଲିସ

ଗିରଫ ଅଭିଯୁକ୍ତଦ୍ୱୟ ହାତ ତିଆରି ବନ୍ଧୁକ ପ୍ରସ୍ତୁତ କରୁଥିବା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ବନ୍ଧୁକ ନିର୍ମାଣ ପାଇଁ ଆବଶ୍ୟକ ଗନ୍‌ପାଉଡର ଏବଂ ଅନ୍ୟାନ୍ୟ ସରଞ୍ଜାମ ଏମାନେ କେଉଁଠୁ ଆଣୁଥିଲେ। ଏମାନଙ୍କ ପଛରେ ଅନ୍ୟ କେଉଁମାନେ ରହିଛନ୍ତି, ହାତ ତିଆରି ବନ୍ଧୁକ ନିର୍ମାଣ ଶୈଳୀ କାହାଠାରୁ ଶିଖିଛନ୍ତି, କିଏ ଏମାନଙ୍କୁ ପ୍ରୋତ୍ସାହିତ କରୁଛି ପ୍ରଭୃତି ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଏହି ବନ୍ଧୁକରେ ବ୍ୟବହୃତ ୧୨ ଏମ୍‌ଏମ୍‌ର ଗୁଳିମାଡ଼ରେ ଏକାଥରକେ ୫ଜଣଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଛି। ତେବେ ଖୋର୍ଦ୍ଧାରେ ବେଆଇନ ବନ୍ଧୁକ ତିଆରି କାରଖାନା ପଛରେ ର୍‍ୟାକେଟ ସକ୍ରିୟ କି ନାହିଁ, ମାଷ୍ଟର ମାଇଣ୍ଡ କିଏ, ଏଠାରୁ ତିଆରି ବନ୍ଧୁକ କେଉଁଠିକୁ ପଠାଯିବା ଯୋଜନା ରହିଛି ପ୍ରଭୃତି ଅନେକ ପ୍ରଶ୍ନ ଉଠିଛି। ଅତୀତରେ ଖୋର୍ଦ୍ଧାରେ ଘଟିଥିବା ଅନେକ ଆପରାଧିକ ମାମଲାରେ ପୋଲିସ ଅଭିଯୁକ୍ତଙ୍କଠାରୁ ବହୁ ଦେଶୀ ବନ୍ଧୁକ ଜବତ କରିଛି। ଏହି କାରବାର ରୋକିବା ପୋଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କଠାରୁ କେଉଁ ତଥ୍ୟ ସବୁ ମିଳୁଛି, ସମ୍ପୃକ୍ତ ରାକେଟ ନିକଟରେ ପୋଲିସ ପହଞ୍ଚିପାରିବ କି ନାହିଁ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବୀ. ବୀର ସୁରେନ୍ଦ୍ର ସାଏ ନଗର ଆଇନଜୀବୀ ସଂଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ତମ ଜୟନ୍ତୀ, ପ୍ରଭୁଜୀ ଇଂଲିଶ ମିଡିୟମ ବିଦ୍ୟାଳୟ ନିକଟ ପରିସର, ସକାଳ ୭ଟା ୩୦।
- ଓଡ଼ିଆ ସିନେମାର ଜନକ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ସ୍ମୃତି ପୁରସ୍କାର-୨୦୨୨ ଓ ପ୍ରଫୁଲ୍ଲ ସଙ୍ଗୀତ, ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ବିଜୟ ମହାନ୍ତିଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବ, ଷ୍ଟାଇଲା ଗାର୍ଡେନ୍, ବଂଶୀ ବିହାର, ପଟିଆ, ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସ୍ୱାଭିମାନ ଦିବସ ପାଳନ, ଆମ ଓଡ଼ିଶା କାର୍ଯ୍ୟାଳୟ, କାର୍ଭେଲ ନଗର, ଶ୍ରୀୟା ଛକ ନିକଟ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଶ୍ରୀରାମ ଦୟା ପରିଷଦ, ମାର୍ଥାପୁର, ଜି- ଖୋର୍ଦ୍ଧା ଆନୁକୂଲ୍ୟରେ ୨୭ତମ ବାର୍ଷିକ 'ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବନ ମହାଯଜ୍ଞ' ଶ୍ରୀବାସୁଦେବ ପୀଠ, ମାର୍ଥାପୁର, ବନମାଳୀପୁର, ସକାଳ ୬ଟା।

**ବାଲିଅନ୍ତା**

- ରାମଲୀଳା ନାଟକ, 'ମହିରାବଣ ବଧ', ବେଣୁପୁର ରାମଲୀଳା ପଡିଆ, ରାତି ୧୧ଟା ୩୦।

**କଟକ**

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଲୟର୍ସ ଦିବସ ପାଳନ, ହାଇକୋର୍ଟ ପରିସର, ପୂର୍ବାହ୍ନ ୯ଟା ୩୦।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ, ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୫ଟା।
- ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ମଧୁ ଜୟନ୍ତୀ ଓ ଲୟର୍ସ ଦିବସ ପାଳନ, ଶହୀଦ ଭବନ, ଅପରାହ୍ନ ୫ଟା ୩୦।
- ନୀଳଚକ୍ର ମର୍କତନଗର କଟକ ଶାଖାର ବାର୍ଷିକ ଉତ୍ସବ ଓ ମଧୁ ଜୟନ୍ତୀ, ମଙ୍ଗଳା ମନ୍ଦିର, ସେକ୍ଟର ୭, ସିଡିଏ, ସନ୍ଧ୍ୟା ୬ଟା।

# ଏଆଇପିଏଚ୍ ବିଶ୍ୱବିଦ୍ୟାଳୟକୁ 'ଆଉଟଷ୍ଟାଣ୍ଡିଂ ୟୁନିଭର୍ସିଟି' ପୁରସ୍କାର

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ଜନସ୍ୱାସ୍ଥ୍ୟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଓଡ଼ିଶାର ପ୍ରଥମ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ 'ଆଉଟଷ୍ଟାଣ୍ଡିଂ ୟୁନିଭର୍ସିଟି' ପୁରସ୍କାର ମିଳିଛି। ୱାର୍ଲ୍ଡ ଏଜୁକେଶନ କଂଗ୍ରେସ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ 'ଓଡ଼ିଶା ଲିଡରସିପ୍ ଆୱାର୍ଡ ୨୦୨୨' କାର୍ଯ୍ୟକ୍ରମରେ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶଙ୍କ ପକ୍ଷରୁ ଏଆଇପିଏଚ୍ ସ୍କୁଲ୍ ଅଫ୍ ପବ୍ଲିକ ହେଲ୍‌ଥ ବିଭାଗର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ, ନିଯୁକ୍ତି, ନେତୃତ୍ୱ, ଶିକ୍ଷା ଭିତ୍ତିଭୂମି, ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନରେ ବିଶ୍ୱବିଦ୍ୟାଳୟର ଭୂମିକା ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶନ ଆଦିରେ ବିଶେଷ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଫେସର ପଣ୍ଡା କହିଛନ୍ତି, ଫୁଲନଖରାସ୍ଥିତ ଇଷ୍ଟ କ୍ୟାମ୍ପସରେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ଚାଲିଥିବାବେଳେ ବିଭିନ୍ନ ଜନସ୍ୱାସ୍ଥ୍ୟ ବିଷୟରେ ସ୍ନାତକ, ସ୍ନାତକୋତ୍ତର ଡିଗ୍ରୀ, ଡକ୍ଟରାଲ ଓ ପୋଷ୍ଟ ଡକ୍ଟରାଲ ଡିଗ୍ରୀ ପ୍ରଦାନ କରୁଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ଉଚ୍ଚତର ଶିକ୍ଷା ସହ ଅନ୍ତର୍ଜାତୀୟ ସ୍ତରର ଅଭିଜ୍ଞତା ହାସଲ କରିଛନ୍ତି। ଅତ୍ୟାଧୁନିକ ବିଏସ୍‌ଏଲ୍-୩ ଲାବୋରେଟୋରୀ ଦେଶରେ ସ୍ୱତନ୍ତ୍ର। ଏଠାରେ ଉନ୍ନତମାନର ଶିକ୍ଷାଦାନ ସହିତ ଗବେଷଣା ଲାଗି ସୁଯୋଗ, ଉନ୍ନତ ପାଠାଗାର ଭଳି ଭିତ୍ତିଭୂମି ରହିଛି। ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସ ଡା. ପିନାକୀ ପାଣିଗ୍ରାହୀ ବର୍ତ୍ତମାନ ୱାଶିଂଟନ ଡିସିସ୍ଥିତ ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥି ଭାବେ 'ୱାର୍ଲ୍ଡ ସିଏସ୍‌ଆର୍ ଡେ' ଆଣ୍ଡ୍ ୱାର୍ଲ୍ଡ ସଷ୍ଟେନବିଲିଟି'ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ଆର୍.ଏଲ୍. ଭାଟିଆ ଏବଂ ସ୍ୟାଣ୍ଡିଜ୍ ଟାୱାରର ନିର୍ଦ୍ଦେଶିକା ଅର୍ଚ୍ଚନା ପାତ୍ର ଯୋଗ ଦେଇଥିଲେ।



ଏଆଇପିଏଚ୍ ସ୍କୁଲ୍ ଅଫ୍ ପବ୍ଲିକ ହେଲ୍‌ଥ ବିଭାଗର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା (ଡାହାଣ) ପୁରସ୍କାର ଗ୍ରହଣ କରୁଛନ୍ତି।

## ଚନ୍ଦନ ଯାତ୍ରାରେ କପିଳେଶ୍ୱର ଦେବ ସାମିଲ ନେଇ ଆଶଙ୍କା

**ପୁରୁଣା ଭୁବନେଶ୍ୱର,୨୭।୪(ଡି.ଏନ୍.ଏ.)**

ଅକ୍ଷୟ ତୃତୀୟାଠାରୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନଯାତ୍ରା ଆରମ୍ଭ ହେବ। ଏହି ଯାତ୍ରାରେ ମା' ପାର୍ବତୀଙ୍କ ସହ ଶ୍ରୀ କପିଳେଶ୍ୱର ଦେବ ଯାତ୍ରା କରିଥାନ୍ତି। ହେଲେ ହାଣ୍ଡି ଭଙ୍ଗାଯାତ୍ରା ପରମ୍ପରା ବନ୍ଦ ପରଠାରୁ ପ୍ରାୟ ୮ବର୍ଷ ହେଲାଣି ଶ୍ରୀ କପିଳେଶ୍ୱର ଦେବ ଚନ୍ଦନ ଯାତ୍ରାରେ ସାମିଲ ହେଉ ନାହାନ୍ତି। ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଏ ପରମ୍ପରାରେ ବିଘ୍ନ ଘଟିଛି। ଏଥିରେ ସୁଧାର ଆଣିବାକୁ ପ୍ରତିବର୍ଷ ଯାତ୍ରା ପୂର୍ବରୁ ସମାଧାନ ପାଇଁ ପ୍ରୟାସ କରିଥାଏ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ। ହେଲେ ଏଯାଏ କିଛି ସୁଫଳ ମିଳୁ ନ ଥିବାରୁ କପିଳେଶ୍ୱରଙ୍କ ବିନା ଚନ୍ଦନ ଯାତ୍ରା ହୋଇଥାଏ। ଚଳିତବର୍ଷ ମଧ୍ୟ ଚନ୍ଦନ ଯାତ୍ରା ପୂର୍ବରୁ ଏହାର ସମାଧାନ ପୂର୍ବକ ଖୋର୍ଦ୍ଧା ଜିଲାପାଳଙ୍କ ନେତୃତ୍ୱରେ ଉଭୟ ଖୁଣ୍ଟିଆ ଏବଂ ମଳିଆ ସେବାୟତଙ୍କୁ ନେଇ ବୁଧବାର ବୈଠକ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ବୈଠକ ବସିବା ସତ୍ତ୍ୱେ ଏଥିରେ ଉଭୟ ସେବାୟତମାନେ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ବାଧ ହୋଇ ପୂର୍ବଭଳି ପ୍ରଶାସନ ଏଥର ମଧ୍ୟ ବିଫଳ ହୋଇଥିଲା। ଯାହାକୁ ନେଇ ଚଳିତବର୍ଷ ମଧ୍ୟ ଚନ୍ଦନଯାତ୍ରାରେ ଶ୍ରୀ କପିଳେଶ୍ୱର ଦେବ ସାମିଲ ହେବା ନେଇ ଆଶଙ୍କା ଦେଖାଦେଇଛି।

# ବେବିରାଣୀ ହେଲେ ଶ୍ରେଷ୍ଠ ଓଡ଼ିଆଣୀ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ପ୍ରଥା, ପରମ୍ପରା ଓ ଚଳଣିର ପୁନଃ ଅଭ୍ୟାସ ଜରିଆରେ ଓଡ଼ିଆ ସ୍ୱାଭିମାନ, ଅସ୍ମିତାକୁ ଅନୁଭବ କରିବା ପାଇଁ ଏକ ଅନନ୍ୟ ଆନ୍ଦୋଳନ ହେଉଛି 'ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବ'। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବୁଧବାର ସୂଚନା ଭବନଠାରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଓ ଓଡ଼ିଆ ସ୍ୱାଭିମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱରର ବେବିରାଣୀ ଦାସଙ୍କୁ ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ ଓ ଭୁବନେଶ୍ୱରର ରୀନା ମିଶ୍ରଙ୍କୁ ସହ-ଶ୍ରେଷ୍ଠ ଓଡ଼ିଆଣୀ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍‌ଘାଟକ ଭାବେ ଓଡ଼ିଶୀ ଗୁରୁ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଧ୍ୟକ୍ଷା ଡ. ଅରୁଣା ମହାନ୍ତି, ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅତିଥି ଭାବେ ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଦିନଲିପିର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ, କସ୍ତୁରିକା ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା ଏବଂ ୨୦୨୧ର ଶ୍ରେଷ୍ଠ ଓଡିଆଣୀ ରଶ୍ମି ସାହୁ ଯୋଗଦେଇଥିଲେ। ଏହି ଅବସରରେ ସିଦ୍ଧାନ୍ତ ଶତପଥୀ, ଛନ୍ଦା ମିଶ୍ର, ଅର୍ଣ୍ଣବ ପଣ୍ଡା ଓ ପୁଣ୍ୟତା ଦାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାଜେଶ


@ ପୁରୁଷୋତ୍ତମ


@ ପୂଜା


@ ଜଗଦୀଶ


@ ଶୁଭସ୍ମିତା


@ ଜିଜ୍ଞାସା

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୁଣ୍ଟୁଣୀ,୨୭।୪(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଧୀନ ମହୁରିଆ ମୁଣ୍ଡାସାହି ପାର୍ଶ୍ୱ ବିଲରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଖୁଣ୍ଟାବନ୍ଧି ଗ୍ରାମର ରାଜୁ ସାମଲ। ମିଳିଥିବା ସୂଚନା ଅନୁଯାୟୀ, ରାଜୁଙ୍କ ଶ୍ୱଶୁର ଘର ଚୌଦ୍ୱାର ଥାନା ପଦାଗାଁ ଗ୍ରାମରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡା ହେବାରୁ ରାଜୁଙ୍କ ସ୍ତ୍ରୀ ୮ ମାସ ହେଲା ବାପଘରେ ରହୁଥିଲେ। ମଙ୍ଗଳବାର ରାଜୁ ଶ୍ୱଶୁର ଘରକୁ ଆସିଥିଲେ। ସେଠାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ରାତିରେ ରାଜୁ ଶ୍ୱଶୁରଘରୁ ପଳାଇ ଆସିଥିଲେ। ବୁଧବାର ସକାଳେ ପଦାଗାଁଠାରୁ ୫ କିମି ଦୂର ଉକ୍ତ ଗଛରେ ରାଜୁଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ କରୁଛି।



ଭୁବନେଶ୍ୱର ସୂଚନା ଭବନଠାରେ ସଂଭାବନା ପକ୍ଷରୁ ବୁଧବାର ଆୟୋଜିତ 'ଓଡ଼ିଆ ସ୍ୱାଭିମାନ ଦିବସ ସମାରୋହ ଓ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ'ରେ ଅତିଥିଙ୍କ ଗହଣରେ ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ, ସହ-ଶ୍ରେଷ୍ଠ ଓଡ଼ିଆଣୀ ରୀନା ମିଶ୍ର ଓ ଅନ୍ୟମାନେ।


ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟକ ଉତ୍ସବର ବୁଧବାର ସନ୍ଧ୍ୟାରେ ପରିବେଷିତ ନାଟକ 'ଗଣକବି ବୈଷ୍ଣବ ପାଣି'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ମହାସ୍ନାନ

**ପୁରୀ ଅଫିସ,୨୭।୪:** ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ଜଣେ ସେବକ ରତ୍ନସିଂହାସନରେ ମୁଣ୍ଡିଆ ମାରିବା ସମୟରେ ମହାପ୍ରଭୁଙ୍କ ବାଡ଼ରେ ପାଳିଆ ପୁଷ୍ପାଳକଙ୍କ ଗୋଡ଼ରେ ବାଜିଯିବାରୁ ଛୁଆଁ ମହାସ୍ନାନ ଘଟିଥିଲା। ଫଳରେ ସମସ୍ତ ନୀତିକୁ ସେଠାରେ ବନ୍ଦ ରଖାଯିବା ସହ ଦର୍ଶନ ବନ୍ଦ କରାଯାଇ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ନୀତି ସକାଳ ୭.୨୫ ମିନିଟ୍‌ରୁ ଆରମ୍ଭ ହୋଇ ୭.୪୦ମିନିଟ୍‌ରେ ସରିଥିଲା। ମହାସ୍ନାନ ନୀତି ନିମନ୍ତେ ମହାପ୍ରଭୁଙ୍କ ଦର୍ଶନ ପ୍ରାୟ ୧୫ରୁ ୨୦ମିନିଟ ବନ୍ଦ ରହିଥିଲା। ସେହିପରି ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ରତ୍ନସିଂହାସନ ଆଗରେ ଯଦି କୌଣସି ଭକ୍ତ ବା ସେବାୟତ ପଡ଼ି ଆହତ ହେବା ବେଳେ ରକ୍ତ ପଡ଼ିଥାଏ, କେହି ବାନ୍ତି ବା ପରିଶ୍ରା ଆଦି କରିଥିବାର ଦେଖାଯାଏ ବା ନୀତି ସମୟରେ ମହାପ୍ରଭୁଙ୍କୁ କେହି ସ୍ପର୍ଶ କରିଦିଅନ୍ତି ତାହାଲେ ମହାପ୍ରଭୁଙ୍କ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ସୂଚନାଯୋଗ୍ୟ, ମଙ୍ଗଳବାର ମଧ ମହାପ୍ରଭୁଙ୍କ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ଭକ୍ତମାନେ ଦର୍ଶନ କରୁଥିବା ସମୟରେ କେହି ଶିଶୁ ଭିତର କାଠ ନିକଟରେ ପରିଶ୍ରା କରିଦେଇଥିଲେ। ଫଳରେ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଗତ ଦୁଇ ମାସ ମଧରେ ବିଭିନ୍ନ କାରଣକୁ ନେଇ ୬ ଥର ମହାସ୍ନାନ ନୀତି ଅନୁଷ୍ଠିତ ହେଲାଣି।

### ଥାନାରୁ ଫେରାର ୩ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ଡେଲାଙ୍ଗ,୨୭।୪(ଡି.ଏନ୍.ଏ.):** ଡେଲାଙ୍ଗ ଥାନାରୁ ଚମ୍ପଟ୍ ମାରିଥିବା ଅଭିଯୁକ୍ତ କାଳିଆ ମାଝୀ(୨୩)ଙ୍କ ସମେତ ଚିଙ୍ଗୁଡି ମେଳଣ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ୩ ଜଣଙ୍କ ମଧରୁ ୨ ଜଣଙ୍କୁ ପିପିଲି କୋର୍ଟକୁ ଚାଲାଣ କରାଯାଇଥିବାବେଳେ ନାବାଳକ ଜଣଙ୍କୁ ପୁରୀ କୋର୍ଟରେ ହାଜର କରାଯାଇଛି। ସୂଚନାନୁଯାୟୀ, ଡେଲାଙ୍ଗ ଥାନା ଅନ୍ତର୍ଗତ ବ୍ରହ୍ମଣ ତରବୋଇ ଗ୍ରାମରେ ଚିଙ୍ଗୁଡି ମେଳଣରେ କମେଣ୍ଟମରାକୁ ନେଇ ଗଣ୍ଡଗୋଳ ହୋଇଥିଲା। ହାତପାଇରେ ୬ଜଣ ଆହତ ହୋଇଥିଲେ। ଏନେଇ ଥାନା ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିଲା। ପୋଲିସ ମୁଖ୍ୟ ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି ଥାନାରେ ହାଜର କରିଥିଲା। ଅଭିଯୁକ୍ତ କାଳିଆ ଥାନାରୁ ଚମ୍ପଟ୍ ମାରିବାରେ ସଫଳ ହୋଇଥିଲା। ପରେ ଏନେଇ ବ୍ରାହ୍ମଣ ତରବୋଇ ଗ୍ରାମବାସୀ ଥାନା ସମ୍ମୁଖରେ ଅଭଇଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି କାଳିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାର ପ୍ରତିଶ୍ରୁତି ଦେଇଥିଲା। ପରେ ଆଇଆଇସି ଅନିଲ ମହାନ୍ତି ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରି କାଳିଆ ଜଟଣୀ ପ୍ଲାଟଫର୍ମରେ ଚେନ୍ନାଇ ଯିବା ପାଇଁ ଟିକେଟ କରୁଥିବାବେଳେ ପୋଲିସ ଗିରଫ କରିଥିଲା। ଅନ୍ୟ ୨ ଜଣ ରମାକାନ୍ତ ମାଝୀ(୩୮) ଓ ଜଣେ ୧୬ ବର୍ଷର ନାବାଳକଙ୍କୁ ପିପିଲି ଟୋଲଗେଟ୍ ନିକଟରୁ ଗିରଫ କରାଯାଇଥିଲା।

### ଭାରତୀୟ ଅର୍ଥନୀତିରେ କୋଭିଡ୍ ପ୍ରଭାବ ଆଲୋଚନାଚକ୍ର

**କଟକ ଅଫିସ,୨୭।୪:** ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଭାରତୀୟ ଅର୍ଥନୀତି ଉପରେ କୋଭିଡ୍-୧୯ର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରାଧାପକ ଡ. ଜୟନ୍ତ କୁମାର ପରିଡ଼ା ଯୋଗଦେଇ କୋଭିଡ୍ ମହାମାରୀର ଭାରତୀୟ ଅର୍ଥନୀତି ଉପରେ ପଡ଼ିଥିବା ପ୍ରଭାବ ବିଷୟରେ କହିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ରଶ୍ମିରେଖା ସାହୁ ଅତିଥି ପରିଚୟ, ଡ. ଦୀପ୍ତି ପଣ୍ଡା ପରିଚାଳନା, ଡ. ପ୍ରୀତିପ୍ରଜ୍ଞା ରାୟ ଭିତ୍ତିପ୍ରବନ୍ଧ ଉପସ୍ଥାପନ ଓ ଉପାସନା ଜେଠୀ ଧନ୍ୟବାଦ ଦେଇଥିଲେ।





ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ବିଶାଳ ତଥା ବହୁ ପୁରୁଣା ବରଗଛକୁ ନ କାଟି ତାହାକୁ ସୁରକ୍ଷିତ ରଖି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବାକୁ ସାମାଜିକ ଅନୁଷ୍ଠାନ ପିପୁଲ ଫର୍ ଆନିମାଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟର ଲଗାଯାଇଛି।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମେୟରଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ,୨୭।୪**

ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ସିଏମ୍‌ସି ମେୟର ସୁବାସ ସିଂଙ୍କୁ କାଳିଗଳିସ୍ଥିତ ତାଙ୍କ ବାସଭବନରେ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ସନ୍ତୋଷ ମହାନ୍ତି, ହୃଷୀକେଶ ପଢିହାରୀ, ବିଷ୍ଣୁ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ମୂକ, ବଧିର ବେଶରେ ଚୋର

■ ଭୁବନେଶ୍ୱରରୁ ୨ ତାମିଲ ଚୋର ଗିରଫ

■ ୨୭ ମୋବାଇଲ, ଗୋଟିଏ ଲାପଟପ୍, କ୍ୟାମେରା ଜବତ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ସାବଧାନ! ସହରରେ ମୂକ, ବଧିର ବେଶରେ ବୁଲୁଛନ୍ତି ତାମିଲନାଡୁର ଚୋର। ଦେଖାଉଛନ୍ତି ଦିବ୍ୟାଙ୍ଗ ପ୍ରମାଣପତ୍ର। ଭିକ୍ଷା ମାଗିବା ଆଳରେ ଘରକୁ ଘର, ହଷ୍ଟେଲ, ମେସ୍ ବୁଲି ଚୋରି କରୁଛନ୍ତି। ଏଭଳି ଏକ ଗ୍ୟାଙ୍ଗକୁ କମିଶନରେଟ ସ୍ପେଶାଲ ସ୍କ୍ୱାଡ୍ ଧରିଛି। ବୁଧବାର ଗ୍ୟାଙ୍ଗ୍‌ର ୨ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୨୭ ମୋବାଇଲ ଫୋନ, ଗୋଟିଏ ଲାପଟପ, ଡିଏସ୍‌ଏଲ୍‌ଆର୍ କ୍ୟାମେରା ଆଦି ଜବତ କରିଛି। ଏଥିସହ ଜାଲ ମୂକ ଓ ବଧିର ପ୍ରମାଣ ପତ୍ର ଜବତ ମଧ ଜବତ କରାଯାଇଛି। ବଡଗଡ, ଖଣ୍ଡଗିରି ଓ ଶହୀଦନଗର ଥାନାଞ୍ଚଳରେ ହୋଇଥିବା ଚୋରି ଘଟଣାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ଓ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲକମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ୍ ବିଶେଷକରି ସକାଳ ସମୟରେ ବେଶ୍ ସକ୍ରିୟ ରହିଥାନ୍ତି। ହଷ୍ଟେଲରେ ଶୋଇଥିବା ଛାତ୍ରୀଛାତ୍ର ଓ ପ୍ରାତଃଭ୍ରମଣରେ ଯାଉଥିବା ପରିବାର ଉପରେ ନଜର ରଖିଥାନ୍ତି। କବାଟ ଖୋଲା ଥିବାବେଳେ ସେମାନେ ଘର ଭିତରକୁ ପଶି ମୋବାଇଲ, ଲାପଟପ, କ୍ୟାମେରା ଓ ଅନ୍ୟ ସାମଗ୍ରୀ ଚୋରି କରି ଚମ୍ପଟ ମାରିଥାନ୍ତି। ଧରାପଡ଼ିଗଲେ ସେମାନେ ନିଜକୁ ମୂକ ଓ ବଧିର କହିବା ସହ ପାଖରେ ରଖିଥିବା ପ୍ରମାଣପତ୍ରକୁ ଦେଖାଇ ଖସି ଯାଇଥାନ୍ତି। ୫ଦିନ ତଳେ କଳିଙ୍ଗନଗରରେ ରହୁଥିବା ଏକ ମେସରୁ ମଧ ଏମାନେ ଚୋରି କରୁଥିଲେ। ଏମାନଙ୍କୁ ଧରିବାକୁ ସ୍ପେଶାଲ ସ୍କ୍ୱାଡ୍ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଚିହ୍ନଟ କରାଯାଇଥିଲା। ଖଣ୍ଡଗିରି ଥାନା ଅଞ୍ଚଳରେ ବୁଧବାର ସକାଳେ ଉଭୟଙ୍କୁ ପୋଲିସ କାବୁ କରିଥିଲା।




ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

### ଗ୍ରୀଲ୍ ତାଡ଼ି ୮ ଲକ୍ଷ ଟଙ୍କାର ସୁନାଗହଣା ଚୋରି

**ଖୋର୍ଦ୍ଧା ଅଫିସ,୨୭।୪**

**ଘରେ ପଶି କଳାକନା ବୁଲାଇଦେଲେ**

ଖୋର୍ଦ୍ଧା ସହରରେ ଲୁଟେରା ମାତିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ଝରକା ଗ୍ରୀଲ ତାଡି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ପରିବାର ଟାଉନ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଗ୍ରାମର ଜୟନ୍ତ କୁମାର ଦାସ ଖୋର୍ଦ୍ଧା ସାଇନଗରରେ ଏକ ଘର ଭଡା ନେଇ ପରିବାର ସହ ରହୁଛନ୍ତି। ମଙ୍ଗଳବାର ପରିବାର ଲୋକ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ପଛପଟ ଝରକା ଲୁହା ଗ୍ରିଲ ଭାଙ୍ଗି ଘରେ ଭିତରେ ପଶିଥିଲେ। ବେଡରୁମରେ ଥିବା ଗଡରେଜ୍ ତାଡ଼ି ଭିତରେ ଥିବା ସୁନା ଅଳଙ୍କାର ନେଇଯାଇଛନ୍ତି। ସୁନାହାର, ସୁନାଚେନ, କାନଫୁଲ ୨ହଳ, ଚୁଡି ତିନି ହଳ, ସୁନା ମୁଦି ୨୦ଟା, ରୁପା ପାଉଁଜି ୨ହଳ ଏବଂ ନଗଦ ୨ହଜାର ଟଙ୍କା ସହ ଝରକା ଗ୍ରିଲକୁ ମଧ ନେଇଛନ୍ତି। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ଆନୁମାନିକ ୮ଲକ୍ଷ ଟଙ୍କା ହେବ ବୋଲି ଜୟନ୍ତ ଉଲ୍ଲେଖ କରିଛନ୍ତି। ସକାଳୁ ଖବରପାଇ ଜୟନ୍ତ ଦେଖିବା ବେଳେ ଘର ବେଡରୁମ ଏପଟେ ସେପଟେ ପଡିଥିବା ଏବଂ ଗଡରେଜ ଭଙ୍ଗା ଯାଇଥିବା ବେଳେ ସୁନା ଅଳଙ୍କାର ନ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୁଣି ଧାରଣା ଦେଲେ ଛଟେଇ ଓମ୍‌ଫେଡ କର୍ମଚାରୀ



ଚାକିରିଗତ ସୁରକ୍ଷା, ଦରମା, ବୋନସ ଆଦି ଦାବିରେ ବୁଧବାର ଧାରଣାରେ ବସିଥିବା ଓମ୍‌ଫେଡ୍ କର୍ମଚାରୀ।

**ବାରଙ୍ଗ,୨୭।୪(ଡି.ଏନ୍.ଏ.)**

ବାରଙ୍ଗ ନିକଟ ଓମ୍‌ଫେଡ କମ୍ପାନୀରୁ ଛଟେଇ କର୍ମଚାରୀ ବୁଧବାର ପୁଣି ଧାରଣାରେ ବସିଛନ୍ତି। କର୍ମଚାରୀଙ୍କ ଅଭିଯୋଗ ହେଲା, ସେମାନଙ୍କୁ ବେଆଇନ ଭାବେ ଛଟେଇ କରାଯାଇଛି। ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଅଧୀନରେ ଥିବା ଏହି କର୍ମଚାରୀମାନେ ଏଜେନ୍ସି ମାଧମରେ କାମ କରୁଥିବାବେଳେ ଆଇନଗତ ପ୍ରାପ୍ୟ ନ ଦେଇ କାମରୁ ବାହାର କରିଦିଆଯାଇଛି। ୨୦୦୪ ମସିହାରୁ ୨୦ଟଙ୍କା ମଜୁରିରେ କାମ ଆରମ୍ଭ କରି ଏ ପର୍ଯ୍ୟନ୍ତ କାମ କରି ଆସୁଥିଲେ ମଧ ଚାକିରିଗତ ସୁରକ୍ଷା, ଦରମା, ବୋନସ ଓ ମଜୁରି ପ୍ରଥା ଆଇନ, ଗ୍ରାଚ୍ୟୁଇଟି ଓ କଣ୍ଟ୍ରାକ୍ଟ ଲେବର ଆଇନ ଉଲ୍ଲଂଘନ କରାଯାଇ ମ୍ୟାନେଜମେଣ୍ଟ ଓ କଣ୍ଟ୍ରାକଟର ଏଜେନ୍ସି ଷଡଯନ୍ତ୍ର କରି ଏମାନଙ୍କୁ ବାହାର କରିଦେଇଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ଗତ ଫେବୃୟାରୀରେ ଦାବିପତ୍ର ପ୍ରଦାନ କରି ନ୍ୟାୟ ନ ମିଳିବାରୁ ଷ୍ଟ୍ରାଇକ୍ ନୋଟିସ ଦେଇ ମାର୍ଚ୍ଚ ୮ରେ ଓମ୍‌ଫେଡ ପ୍ଲାଣ୍ଟ ଆଗରେ ଅହୋରାତ୍ର ଗଣଧାରଣା ଦେଇଥିଲେ। ସେ ସମୟରେ ଓମ୍‌ଫେଡ ମ୍ୟାନେଜମେଣ୍ଟ ଆସି କର୍ମଚାରୀମାନଙ୍କ ସହ ଆଲୋଚନା କରି ଦୁଇମାସର ଦରମା ୧୦ତାରିଖ ମଧରେ ପ୍ରଦାନ, ବାକି ରହିଯାଇଥିବା ମାସକୁ ୧୫ଟି ଡ୍ୟୁଟି ହିସାବରେ ଏପ୍ରିଲ ୮ ସୁଦ୍ଧା ଦେବାକୁ ଚୁକ୍ତି କରିବା ପରେ ଧାରଣାରୁ କର୍ମଚାରୀମାନେ ଉଠିଥିଲେ। ସମୟାନୁସାରେ ଆକାଉଣ୍ଟକୁ ଟଙ୍କା ଆସିଲା। କିନ୍ତୁ ୨୦ବର୍ଷ ଧରି କାମ କରିଥିବା ଶ୍ରମିକଙ୍କ ଆକାଉଣ୍ଟକୁ ୧୨ରୁ୧୬ ହଜାର ଓ ଯେଉଁମାନେ ୨/୩ ବର୍ଷ କାମ କରିଛନ୍ତି ସେମାନଙ୍କ ଆକାଉଣ୍ଟକୁ ସେମାନଙ୍କଠାରୁ ଅଧିକ ଟଙ୍କା ଆସିଛି ବୋଲି ଧାରଣାରତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହାପରେ ଭିତିରିଆ ନୂଆ ନୂଆ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ମଧ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଛଟେଇ କର୍ମଚାରୀମାନେ ଧାରଣାରେ ବସିରହିଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ବାରଙ୍ଗ ଥାନା ପୋଲିସ ଜଗି ରହିଛନ୍ତି।

### ପାନୀୟଜଳ କିଓସ୍କ ଦାୟିତ୍ୱରେ କିନ୍ନର

**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ) ଦ୍ୱାରା ବୁଧବାର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ଏହାର ୨୫ ପାନୀୟ ଜଳ କିଓସ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରଦାନ କରାଯାଇଛି। ମେ' ପହିଲାରୁ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଏହାର ଦୈନନ୍ଦିନ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ପାଇଁ 'ସ୍ୱୀକୃତି କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ'ର ସଦସ୍ୟଙ୍କୁ ନିୟୋଜିତ କରାଯିବ।

ୱାଟ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ଟ୍ରାନ୍ସଜେଣ୍ଡର କମ୍ୟୁନିଟିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ 'ୱାଟ୍‌କୋ'ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କଟକର ପ୍ରତାପନଗରୀଠାରେ ଅବସ୍ଥିତ 'ୱାଟ୍‌କୋ'ର ଜଳ ବିଶୋଧନାଗାରର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥାନୀୟ ଟ୍ରାନ୍ସଜେଣ୍ଡର ଏସ୍‌ଏଚ୍‌ଜିଙ୍କୁ ଚଳିତ ମାସ ହସ୍ତାନ୍ତର କରାଯାଇଛି। 'ୱାଟ୍‌କୋ' ଭବିଷ୍ୟତରେ ମଧ ଏହାର ଅନ୍ୟାନ୍ୟ ସହରୀ ସଂସ୍ଥାନଗୁଡ଼ିକରେ ଏହିପରି ଟ୍ରାନ୍ସଜେଣ୍ଡର ଏସ୍‌ଏଚ୍‌ଜିଙ୍କୁ ଜଡ଼ିତ କରିବାକୁ ଯୋଜନା କରିଛି। ଏନେଇ ଭୁବନେଶ୍ୱରସ୍ଥିତ ୱାଟ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବାବେଳେ ସ୍ୱୀକୃତି ଟ୍ରାନ୍ସଜେଣ୍ଡର ଏସ୍‌ଏଚ୍‌ଜିର ସଭାନେତ୍ରୀ ମେଘନା ସାହୁ, ସଦସ୍ୟା ଆଇଶା ପ୍ରିୟଦର୍ଶିନୀ ପଣ୍ଡା, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଇଂ. ଶରତ ମିଶ୍ର, ଭୁବନେଶ୍ୱର ଡିଭିଜନ-୧ର ମହାପ୍ରବନ୍ଧକ ଇଂ. ବିଷ୍ଣୁ ଚରଣ ପାଢ଼ୀ ଓ ୱାଟ୍‌କୋ ଜନସମ୍ପର୍କ ଅଧିକାରୀ ଶ୍ୟାମଲ କିଶୋର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା 'ୱାଟ୍‌କୋ' ଏବେ ରାଜ୍ୟର ୧୭ଟି ସହରୀ ସ୍ଥାନୀୟ ସଂସ୍ଥାନର ପାନୀୟ ଜଳ ଯୋଗାଣ ଏବଂ ବର୍ଜ୍ୟ ଜଳ ପରିଚାଳନା ସମ୍ବନ୍ଧିତ କ୍ଷେତ୍ରରେ କାର୍ଯ୍ୟ କରୁଛି।




ୱାଟ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀ।

### ମଦ ବେପାରକୁ ନେଇ ଯୁବକଙ୍କୁ ଛୁରାମାଡ଼

**ଆଠଗଡ,୨୭।୪(ସ୍ୱ.ପ୍ର.)**

ଆଠଗଡ ଥାନା ଅଞ୍ଚଳରେ ଦେଶୀମଦ ବେପାରକୁ ନେଇ ଜଣେ ଯୁବକଙ୍କୁ ବୁଧବାର ଛୁରାମାଡ ହୋଇଥିବା ଅଭିଯୋଗ ହୋଇଛି। କରିକୋଲ ଗାଁର ବିରଞ୍ଚି ମଲ୍ଲିକ ସୋମନାଥ ବେହେରାଙ୍କୁ ଫୋନ କରି ବୁଧବାର ଝରଣ ଛକକୁ ଡାକିଥିଲେ। ଅପରାହ୍ନ ୪ଟାରେ ବିରଞ୍ଚି ସାଙ୍ଗରେ କନ୍ତୋଲ ହରିଶରଣପୁରର ମାନସ କଅଁର ଆସି ଛକରେ ପହଞ୍ଚିଥିଲେ। ସୋମନାଥଙ୍କୁ ଚୋରା ଦେଶୀ ମଦ ଗାଡି ପାଇଲଟିଂ କଲେ କେତେ ଟଙ୍କା ନେବୁ ବୋଲି ସେମାନେ ପଚାରି ଥିଲେ। ସୋମନାଥ ଏଥିରେ ରାଜି ନ ହେବାରୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ସୋମନାଥ କାହିଁକି ଗାଳି କରୁଛ ବୋଲି କହିବାରୁ ମାନସ ପ୍ୟାଣ୍ଟ ପକେଟରୁ ଏକ ଛୁରି ବାହାର କରି ତାଙ୍କ ବେକକୁ ପ୍ରଥମେ ଚୋଟ ମାରିଥିଲେ। ପରେ ମାନସ ଆକ୍ରମଣ କରିବାକୁ ଗଲାବେଳେ ସୋମନାଥ ହାତ ଦେଖାଇ ଦେବାରୁ ଡାହାଣ ହାତ ପାପୁଲି ଓ ଆଙ୍ଗୁଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ସମୟରେ ସୋମନାଥ ପାଟି କରିବାରୁ ପାଖ ଦୋକାନୀ, ଲୋକମାନେ ପହଞ୍ଚିଥିଲେ। ଲୋକମାନଙ୍କୁ ଦେଖି ବିରଞ୍ଚି ଓ ମାନସ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ସୋମନାଥଙ୍କୁ ସ୍ଥାନୀୟ ଲୋକେ ଆଠଗଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସୋମନାଥ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ରିପୋର୍ଟ ଦେଲେ ୧୧ନଂ. କର୍ପୋରେଟର ପ୍ରଭାସିନୀ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ଜିତିବା ପରେ କ'ଣ ସବୁ କରିଛନ୍ତି, ତା'ର ପ୍ରମାଣ ରଖିଲେ ଭିଏସ୍‌ଏସ୍ ନଗର ୧୧ନଂ ୱାର୍ଡର କର୍ପୋରେଟର୍ ପ୍ରଭାସିନୀ ମହାନ୍ତି। ଜିତିବାର ୩୦ ଦିନ ମଧରେ କରିଥିବା କାର୍ଯ୍ୟ, ଆଗାମୀ କାର୍ଯ୍ୟକ୍ରମ ଏବଂ ଅନ୍ୟ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କରାଯିବ, ସେ ବିଷୟରେ ଆର୍‌ଆଇଟି ସ୍କୁଲ ପରିସରରେ ୱାର୍ଡର ସମସ୍ତ ବିଜେଡି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ଏକତ୍ର ବସି ବୁଧବାର ଆଲୋଚନା କରିଥିଲେ। ବୈଠକକୁ ନାଗରିକ ମଞ୍ଚ ଏବଂ ୱାର୍ଡ ସଭାପତି ମାନ୍ୟ ମହେଶ୍ୱର ବିଶ୍ୱାଳ ଅଧକ୍ଷତା କରିଥିଲେ। ହୃଦୟ ରାମ ବ୍ରହ୍ମ ବୈଠକକୁ ପରିଚାଳନା କରିଥିଲେ। ଅଞ୍ଜୁବାଳା, ସ୍ୱର୍ଣ୍ଣଲତା ମାହାଲି, କଳ୍ପନା ମହାନ୍ତି, ଅପର୍ଣ୍ଣା, ସୁଚିତ୍ରା, ସୁନିତା ସରକାର, ଲୋକନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।




ପୂର୍ବତଟ ରେଳପଥ ଜୋନ୍ ଶାଖାର ସର୍ବଭାରତୀୟ ଅନୁସୂଚିତ ଜାତି ଓ ଜନଜାତି ରେଳ କର୍ମଚାରୀ ସଂଘ ପକ୍ଷରୁ ଉପେନ୍ଦ୍ର ଭଞ୍ଜ ରେଲୱେ ଇନ୍‌ଷ୍ଟିଚ୍ୟୁଟ ପରିସରରେ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୧ତମ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# 'ମନୋଜଙ୍କ ଲେଖନୀ ଉପରେ ଗବେଷଣା ଜରୁରୀ'

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ମନୋଜ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ 'ତୁଙ୍ଗିମ ମନୋଜ ସ୍ମୃତିସନ୍ଧ୍ୟା' ବୁଧବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନୋଜ ଦାସଙ୍କ ଶେଷକୃତ୍ୟ ସମୟରେ ତାଙ୍କ ସହ ଥିବା ସ୍ମୃତିକୁ ସେ ଶ୍ରୋତାଙ୍କ ଆଗରେ ଉପସ୍ଥାପନ କରିଥିଲେ। ତାଙ୍କ ଲେଖନୀ ଉପରେ ଗବେଷଣା କରିବା ସହ ଆଗାମୀ ଦିନରେ ଆଉ କିଛି ମନୋଜ ଦାସ ସୃଷ୍ଟି କରିବା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପାଣିଗ୍ରାହୀ ମତ ଦେଇଥିଲେ। ସେ କହିଥିଲେ, ମନୋଜଙ୍କ ଶଙ୍ଖାରୀ ବାସଭୂମିକୁ ମନ୍ମଥ-ମନୋଜ ସ୍ମାରକୀ ପୀଠ ଭାବେ ବିକଶିତ କରାଯିବ। ମନୋଜଙ୍କ ନାଁରେ ଜାତୀୟସ୍ତରରେ ଜଣେ ଇଂଲିଶ ଲେଖକଙ୍କୁ ଦଶଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ ସହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧରେ ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ମୁଖ୍ୟ ଅତିଥି ଏକାଡେମୀର ପୂର୍ବତନ ସଭାପତି ଓ ସାହିତ୍ୟିକ ସାତକଡ଼ି ହୋତା, ସମ୍ମାନିତ ଅତିଥି ଭାବେ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା ଡ. ବିଭୂତି ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଯୁଗସ୍ରଷ୍ଟା ସାଧକ ମନୋଜ ଦାସଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକ ସଭାରେ ପୌରୋହିତ୍ୟ କରିଥିଲେ। ଏକାଡେମୀର ଉପସଭାପତି କବି ଓ ଅନୁବାଦକ ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ମନୋଜ ଦାସଙ୍କ ସ୍ମୃତିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ 'ତୁଙ୍ଗିମ ମନୋଜ ସ୍ମୃତିସନ୍ଧ୍ୟା' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମାଛଗାଁ କେନାଲ ବନ୍ଧରେ ପୋଲିସ ପାଟ୍ରୋଲିଂ ଦାବି

କଟକ ସଦର,(ଡି.ଏନ.ଏ.): କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲ ବନ୍ଧର ବିରିବାଟୀ-ଅଥଙ୍ଗା ଅଂଶରେ ରାତିବେଳା ଜଗତ୍‌ସିଂହପୁର ଅଞ୍ଚଳର ଲୋକମାନେ ବାରମ୍ବାର ଲୁଟ୍‌ର ଶିକାର ହେଉଛନ୍ତି। ପବନ ଖାଇବା ବାହାନାରେ ନିଶାସକ୍ତ ଅବସ୍ଥାରେ ଅସାମାଜିକ ଯୁବକମାନେ କେନାଲ ବନ୍ଧରେ ବସି ରହୁଛନ୍ତି। ଏକୁଟିଆ ଆସୁଥିବା ବାଇକ୍, କାର୍ ଚାଳକଙ୍କୁ ଅଟକାଇ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ କରୁଥିବା ଅଭିଯୋଗ ହେଉଛି। ତେଣୁ କନ୍ଦରପୁର ପୋଲିସ ରାତିରେ ପାଟ୍ରୋଲିଂ ଜୋରଦାର୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମାଟ୍ରିକ ଛାତ୍ରୀଛାତ୍ର ନିର୍ଭୀକ ଭାବେ ପରୀକ୍ଷା ଦିଅନ୍ତୁ

**ଖୁଣ୍ଟୁଣୀ,୨୭।୪(ଡି.ଏନ୍.ଏ.):** ରାଧାକିଶୋରପୁର ପଞ୍ଚାୟତର ଜମ୍ବେଶ୍ୱର ବିଦ୍ୟାପୀଠରେ ମାଟ୍ରିକ ଛାତ୍ରୀଛାତ୍ରଙ୍କ ପାଇଁ ଏକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ ଅଧକ୍ଷତା କରି ଛାତ୍ରୀଛାତ୍ରମାନେ ନିରୁତ୍ସାହିତ ନ ହୋଇ ନିର୍ଭିକ ଭାବେ ପରୀକ୍ଷାରେ ଉତ୍ତର ଲେଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ନୀଳମଣି ନାୟକ, ଯୁବନେତା ପ୍ରତାପ ସ୍ୱାଇଁ, ସଞ୍ଜୟ କୁମାର ନାୟକ, ଗଦାଧର ବେହେରା, ସଙ୍ଗୀତ ରାଉଳ ପ୍ରମୁଖ ଯୋଗଦେଇ ମାଟ୍ରିକ ମନ୍ତ୍ର ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ପ୍ରବୋଧ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଭାରତୀୟ ଅର୍ଥନୀତିରେ କୋଭିଡ୍ ପ୍ରଭାବ ଆଲୋଚନାଚକ୍ର

**କଟକ ଅଫିସ,୨୭।୪:** ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ଭାରତୀୟ ଅର୍ଥନୀତି ଉପରେ କୋଭିଡ୍-୧୯ର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ପୌରୋହିତ୍ୟ କରି ଉକ୍ତ ଆଲୋଚନାଚକ୍ରର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରାଧାପକ ଡ. ଜୟନ୍ତ କୁମାର ପରିଡ଼ା ଯୋଗଦେଇ କୋଭିଡ୍ ମହାମାରୀର ଭାରତୀୟ ଅର୍ଥନୀତି ଉପରେ ପଡ଼ିଥିବା ପ୍ରଭାବ ବିଷୟରେ କହିଥିଲେ। ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ରଶ୍ମିରେଖା ସାହୁ ଅତିଥି ପରିଚୟ, ଡ. ଦୀପ୍ତି ପଣ୍ଡା ଆଲୋଚନାଚକ୍ର ପରିଚାଳନା, ଡ. ପ୍ରୀତିପ୍ରଜ୍ଞା ରାୟ ଭିତ୍ତିପ୍ରବନ୍ଧ ଉପସ୍ଥାପନ ଓ ଉପାସନା ଜେଠୀ ଧନ୍ୟବାଦ ଦେଇଥିଲେ।

### ଅଭିନେତା ହେମନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ

**ବାଙ୍କୀ,୨୭।୪(ସ୍ୱ.ପ୍ର.):** ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା ହେମନ୍ତ ଦାସଙ୍କ ୧୨ତମ ଶ୍ରାଦ୍ଧୋତ୍ସବ ବୁଧବାର ତାଙ୍କ ଜନ୍ମସ୍ଥାନ ବାଙ୍କୀରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉତ୍ସବରେ ପରିଷଦର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବ୍ରଜକିଶୋର ମହାପାତ୍ର, ପ୍ରେସ୍ କ୍ଲବର ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ପ୍ରାଧାପକ ମନୋଜ କୁମାର ମହାପାତ୍ର, ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ ଓ କେଦାରନାଥ କର ପ୍ରମୁଖ ଯୋଗଦେଇଥିଲେ। ସେମାନେ ସ୍ୱର୍ଗତ ହେମନ୍ତ ଦାସଙ୍କ ଜୀବନୀ ଓ ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନୃତ୍ୟ ଶିକ୍ଷକ ମହେଶ ନାୟକ ଧନ୍ୟବାଦ ଦେଇଥିଲେ।

### ବାଙ୍କୀ ଉପଖଣ୍ଡରେ ଗଡ଼ିଲା ଶିକ୍ଷା ସଚେତନତା ରଥ

**ବାଙ୍କୀ,୨୭।୪(ସ୍ୱ.ପ୍ର.):** ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ସ୍କୁଲଗୁଡିକ ବନ୍ଦ ରହିଥିଲା। ସ୍କୁଲ ଖୋଲିବା ପରେ ଉପସ୍ଥାନ କିଭଳି ବଢ଼ିବ ଓ ଅଭିଭାବକମାନେ ସଚେତନ ହେବେ ସେନେଇ ଶିକ୍ଷା ସଚେତନତା ରଥ ବୁଧବାର ବାଙ୍କୀ ଉପଖଣ୍ଡ ଅଞ୍ଚଳରେ ଗଡିବା ଆରମ୍ଭ କରିଛି। ଡମପଡ଼ା ବ୍ଲକ ଶିକ୍ଷା ଜିଲା ଅଧିକାରୀ ନରେନ୍ଦ୍ର ବେହେରା ଏହି ରଥକୁ ଉଦ୍‌ଘାଟନ କରିଛନ୍ତି। ଶିକ୍ଷା ସଚେତନତା ରଥ ବ୍ଲକର ୧୭ଟି ପଞ୍ଚାୟତର ୯ ଗୋଟି କ୍ଲଷ୍ଟରରେ ୩ଦିନ ପରିକ୍ରମା କରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଗଦାଧର ପ୍ରଧାନ, ସିଆରସିସି ଦାଶରଥି ଦାଶ, ବିଭୂତି ଭୂଷଣ ସେଠୀ ଓ ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିରେ ୯ଗୋଟି କ୍ଲଷ୍ଟରର ସିଆରସିସି ଉପସ୍ଥିତ ରହିଥିଲେ। ସେହିପରି ବାଙ୍କୀ ବ୍ଲକରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା କରାଯାଇଛି। ଏହି ରଥ ୨୦ ଗୋଟି ପଞ୍ଚାୟତର ୧୦ ଗୋଟି କ୍ଲଷ୍ଟରରେ ପରିକ୍ରମା କରିବ। ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବ ବୋଲି ସେଠୀ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ତଦନ୍ତ ଦାବିରେ ଧାରଣା

**କଟକ ଅଫିସ,୨୭।୪**



ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଭିଜିଲାନ୍ସ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ବେଆଇନ ଭାବେ ହିତାଧିକାରୀଙ୍କଠାରୁ ଅର୍ଥ ନେଇ ସରକାରୀ କ୍ୱାର୍ଟର୍ସ ବିକ୍ରି କରିବା ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରି ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ କଟକସ୍ଥିତ ଭିଜିଲାନ୍ସ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଏହାପରେ ଅଭିଯାନ ପକ୍ଷରୁ ୪ ଦଫା ଦାବି ପୂରଣ ପାଇଁ ଭିଜିଲାନ୍ସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସରକାର ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ସହ ସହରକୁ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆଇଏଚ୍ଏସ୍‌ଡିପି ଯୋଜନାରେ ବହୁମହଲା ବିଶିଷ୍ଟ କୋଠାଘର କରି ଥଇଥାନ କରିବାକୁ ଯୋଜନା କରିଛନ୍ତି। ଉକ୍ତ ଯୋଜନାରେ ଅନ୍ଦରପୁରଠାରେ ୩ ମହଲା ବିଶିଷ୍ଟ କୋଠାରେ ୧୯୨ଟି କ୍ୱାର୍ଟର୍ସ ନିର୍ମାଣ ହୋଇଛି। ସେଥିମଧ୍ୟରୁ ୬୯ଟି କ୍ୱାର୍ଟର୍ସ ବଣ୍ଟନ କରାଯାଇଥିଲା।

**ଅନ୍ଦରପୁର ସରକାରୀ କ୍ୱାର୍ଟର୍ସ ବେଆଇନ ବିକ୍ରି ଘଟଣା**

ବାକି ୧୨୩ଟି କ୍ୱାର୍ଟର୍ସ ଆବଣ୍ଟନ ବନ୍ଦ ଥିବା ସତ୍ତ୍ୱେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ କେତେଜଣ ବସ୍ତିବାସିନ୍ଦାଙ୍କଠାରୁ ୪୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ବେଆଇନ ଭାବେ ଜାଲ୍ ସତ୍ୟପାଠ ମାଧ୍ୟମରେ କ୍ୱାର୍ଟର୍ସ ଆବଣ୍ଟନ କରିଥିଲେ। ଏହା ଜଣାପଡ଼ିବା ପରେ କଟକ ମହାନଗର ନିଗମ ପକ୍ଷରୁ ଚଢାଉ କରାଯାଇ କ୍ୱାର୍ଟର୍ସରେ ରହୁଥିବା ଲୋକଙ୍କୁ ବାହାର କରାଯାଇଥିଲା। ଏଣୁ ବେଆଇନ ଭାବେ ବ୍ୟାପକ ଅର୍ଥ କାରବାର କରି କ୍ୱାର୍ଟର୍ସ ବଣ୍ଟନ କରିବା ଘଟଣାର ଭିଜିଲାନ୍ସ ତଦନ୍ତ ସହ ପୂର୍ବତନ କର୍ପୋରେଟର, ଚୌଦ୍ୱାର-କଟକର ପୂର୍ବତନ ବିଧାୟକ, ସିଏମ୍‌ସି ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ, ହିତାଧିକାରୀଙ୍କୁ ଅର୍ଥ ଫେରସ୍ତ, ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ସ୍ଥାୟୀ ଥଇଥାନ ଓ ଥଇଥାନ ନ କରିବା ପର୍ଯ୍ୟନ୍ତ କ୍ୱାର୍ଟର୍ସ ଆବଣ୍ଟନକୁ ସ୍ଥଗିତ ରଖିବାକୁ ଦାବି କରାଯାଇଛି। ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ, ନମିତା ମଞ୍ଜରୀ ସାହୁ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ମଦ ବେପାରକୁ ନେଇ ଯୁବକଙ୍କୁ ଛୁରାମାଡ଼

**ଆଠଗଡ,୨୭।୪(ସ୍ୱ.ପ୍ର.)**

ଆଠଗଡ ଥାନା ଅଞ୍ଚଳରେ ଦେଶୀମଦ ବେପାରକୁ ନେଇ ଜଣେ ଯୁବକଙ୍କୁ ବୁଧବାର ଛୁରାମାଡ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, କରିକୋଲ ଗାଁର ବିରଞ୍ଚି ମଲ୍ଲିକ ସୋମନାଥ ବେହେରାଙ୍କୁ ଫୋନ କରି କଥା ଅଛି କହି ବୁଧବାର ଝରଣ ଛକକୁ ଡାକିଥିଲେ। ଅପରାହ୍ନ ୪ଟାରେ ବିରଞ୍ଚି ସାଙ୍ଗରେ କନ୍ତୋଲ ହରିଶରଣପୁରର ମାନସ କଅଁର ଆସି ଛକରେ ପହଞ୍ଚିଥିଲେ। ସୋମନାଥଙ୍କୁ ଚୋରା ଦେଶୀ ମଦ ଗାଡି ପାଇଲଟିଂ କଲେ କେତେ ଟଙ୍କା ନେବୁ ବୋଲି ସେମାନେ ପଚାରି ଥିଲେ। ସୋମନାଥ ଏଥିରେ ରାଜି ନ ହେବାରୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ସୋମନାଥ କାହିଁକି ଗାଳି କରୁଛ ବୋଲି କହିବାରୁ ମାନସ ପ୍ୟାଣ୍ଟ ପକେଟରୁ ଏକ ଛୁରି ବାହାର କରି ତାଙ୍କ ବେକକୁ ଚୋଟ ମାରିଥିଲେ। ତାଙ୍କର ବାମ ପାଖ ବେକରେ ଗଭୀର ଆଘାତ ଯୋଗୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆଉ ଥରେ ମାନସ ଆକ୍ରମଣ କରିବାକୁ ଗଲାବେଳେ ସୋମନାଥ ହାତ ଦେଖାଇ ଦେବାରୁ ଡାହାଣ ହାତ ପାପୁଲି ଓ ଆଙ୍ଗୁଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ସମୟରେ ସୋମନାଥ ପାଟି କରିବାରୁ ପାଖ ଦୋକାନୀ, ଲୋକମାନେ ପହଞ୍ଚିଥିଲେ। ଲୋକମାନଙ୍କୁ ଦେଖି ବିରଞ୍ଚି ଓ ମାନସ ଘଟଣାସ୍ଥଳରୁ ଚାଲି ଯାଇଥିଲେ। କିନ୍ତୁ ସେମାନେ ଆଣିଥିବା ଏକ ବାଇକ୍ ନଂ. ଓଡି ୦୫ ୱାଇ ୪୦୧୭କୁ ଛାଡି ଯାଇଥିଲେ। ଗୁରୁତର ଅବସ୍ଥାରେ ସୋମନାଥଙ୍କୁ ସ୍ଥାନୀୟ ଲୋକେ ଆଠଗଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସୋମନାଥ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକମାନେ ଦୁର୍ବୃତ୍ତମାନେ ଛାଡି ଯାଇଥିବା ବାଇକ୍‌କୁ ଆଣି ପୋଲିସର ଜିମା ଦେଇଛନ୍ତି।

# ‘ପ୍ରଫୁଲ୍ଲ କରଙ୍କ ସଂଗୀତ କାଳଜୟୀ’

**କଟକ ଅଫିସ,୨୭।୪**

**ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା**

ଓଡ଼ିଶାର ଲୋକପ୍ରିୟ ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର କଟକ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଇସ୍‌କଫ ଓ ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ଅନୁଷ୍ଠିତ ସଭାରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ପ୍ରଫୁଲ୍ଲ କରଙ୍କ ସଂଗୀତ କାଳଜୟୀ। ସେ ଜଣେ ପ୍ରଗତିଶୀଳ ଓ ସାମ୍ୟବାଦୀ ଚିନ୍ତାଧାରାର ବ୍ୟକ୍ତି ଥିଲେ। ପୁରୀରେ ଜନ୍ମ, ଭୁବନେଶ୍ୱରରେ ସ୍ଥାୟୀ ଭାବେ ରହିଲେ ମଧ୍ୟ ତାଙ୍କ ସଂଗୀତ ଜୀବନ କଟକରୁ ଆରମ୍ଭ ହୋଇଥିଲା ବୋଲି ସିଂ କହିଥିଲେ। ଇସ୍‌କଫ୍ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇସ୍‌କଫ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ ପଡିହାରୀ ଯୋଗଦେଇ କହିଥିଲେ, ପ୍ରଫୁଲ୍ଲ କରଙ୍କ ବହୁ ସଂଗୀତ ଜନତାଙ୍କ ଦୁଃଖ, ଦୁର୍ଦ୍ଦଶା ଓ ସମସ୍ୟା ଉପରେ ଆଧାରିତ। ସେହିପରି ଅଧ୍ୟାପକ ପ୍ରସେନଜିତ ମହାନ୍ତି ଯୋଗଦେଇ ପ୍ରଫୁଲ୍ଲଙ୍କ କେତେକ ଗୀତ ଗାଇବା ସହିତ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଗୀତଜ୍ଞ ନୃସିଂହ ସାହୁ ସଙ୍ଗୀତରେ ପ୍ରଫୁଲ୍ଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଇସ୍‌କଫ୍‌ର ଜିଲା ସମ୍ପାଦକ ସଞ୍ଜୟ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ଶିକ୍ଷକ ନେତା ବିବେକାନନ୍ଦ ଦାଶ, କୃଷ୍ଣପ୍ରିୟା ମହାପାତ୍ର, ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନା, ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ତରୁଣ କୁମାର ସାହୁ, ବିଜୟ ମହାନ୍ତି, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ଇନ୍ଦ୍ରଜିତ୍ ଘୋଷ, ସର୍ବୋଦୟ ନେତା ଡ. ବିଶ୍ୱଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ସିବିଏସ୍‌ଇ ଦଶମ ପରୀକ୍ଷା ଦେବାକୁ ସିଡିଏସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଙ୍କ ସ୍କ୍ରିନିଂଟେଷ୍ଟ କରାଯାଉଛି।

## ବାଙ୍କୀ କଲେଜ ବାଣିଜ୍ୟ ସଂସଦର ବାର୍ଷିକ ଉତ୍ସବ

**ବାଙ୍କୀ,୨୭।୪(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ନବନିର୍ମିତ ସଭା ଗୃହକୁ ବୁଧବାର ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିଥିଲେ। ଏଥିସହ ବାଣିଜ୍ୟ ବିଭାଗ ସଂସଦର ବାର୍ଷିକ ଉତ୍ସବ ଏବଂ ‘ନୂଆ ଶିକ୍ଷାନୀତି ଓ ବାଣିଜ୍ୟ’ ଶୀର୍ଷକ ଆଲୋଚନାଚକ୍ର ସଭାଗୃହରେ ହୋଇଯାଇଛି। ଏଥିରେ ଅଧକ୍ଷ ହୋତା ସଭାପତିତ୍ୱ କରିଥିବାବେଳେ ବିଭାଗୀୟ ମୁଖ୍ୟ ତଥା ବାଣିଜ୍ୟ ବିଭାଗ ସଂସଦର ଉପସଭାପତି ପ୍ରାଧାପକ ନିରଞ୍ଜନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ, ବାଣିଜ୍ୟ ବିଭାଗ ସଂସଦର ସମ୍ପାଦକ ରଞ୍ଜିତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷାବିତ୍ ତଥା କବି ଡ. ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ଭାଷାବିତ୍ ବୈଦ୍ୟନାଥ ରାଉତ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଶ୍ୱ ରଞ୍ଜନ ପଣ୍ଡା, ଖବରଦାତା ସର୍ବେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## ଗ୍ରାମୀଣ ପ୍ରମୋଦ ଉଦ୍ୟାନର ଶିଳାନ୍ୟାସ

**କଟକ ସଦର,୨୭।୪(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତରେ ପ୍ରମୋଦ ଉଦ୍ୟାନର ଶିଳାନ୍ୟାସ ବୁଧବାର ହୋଇଛି। ସରପଞ୍ଚ ସୁଜାତା ସେଠୀ ଏହାର ଶିଳାନ୍ୟାସ କରିଥିଲେ। ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଉଦ୍ୟାନ କରାଯିବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୱାର୍ଡସଭ୍ୟା ଗୀତାଞ୍ଜଳି ବେହେରା ଓ ଦୀପକ ମଣ୍ଡଳ ଉପସ୍ଥିତ ଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମେୟରଙ୍କୁ ସମ୍ବର୍ଦ୍ଧନା



**କଟକ ଅଫିସ,୨୭।୪**

ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ସିଏମ୍‌ସି ମେୟର ସୁବାସ ସିଂଙ୍କୁ କାଳିଗଳିସ୍ଥିତ ତାଙ୍କ ବାସଭବନରେ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ସନ୍ତୋଷ ମହାନ୍ତି, ହୃଷୀକେଶ ପଡିହାରୀ, ବିଷ୍ଣୁ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧଙ୍କ ମୃତଦେହ ସଂସ୍କାର କଲେ ସ୍ୱେଚ୍ଛାସେବୀ

**ଆଠଗଡ,୨୭।୪(ସ୍ୱ.ପ୍ର.)**

ଟିଗିରିଆ ପାଞ୍ଚଗାଁର ପଞ୍ଚାୟତ କୁମ୍ଭିପୁଟ ଗାଁର ନିତ୍ୟାନନ୍ଦ ପାଣି (୭୨) ଅସହାୟ ଅବସ୍ଥାରେ କଲ୍ୟାଣ ମଣ୍ଡପରେ ଆଶ୍ରୟ ନେଇଥିଲେ। କିଏ ଖାଇବାକୁ ଦେଲେ ଖାଉଥିଲେ ନଚେତ ଉପବାସରେ ଦିନ କାଟୁଥିଲେ। ଶରୀର ଅସୁସ୍ଥ ହେବାରୁ ଚିକିତ୍ସା କରିବାରେ ତାଙ୍କର କିଡ୍‌ନୀ ରୋଗ ବାହାରିଥିଲା। ପାଖରେ ସମ୍ବଳ ନ ଥିବାରୁ ଚିକିତ୍ସା କରାଇ ପାରି ନ ଥିଲେ। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟରେ ଅବନତି ହେବାରୁ ପୂର୍ବତନ ସରପଞ୍ଚ ସରୋଜ କୁମାର ସାହୁ ନିଜସ୍ୱ ଉଦ୍ୟମରେ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ ଡାକ୍ତରଖାନାକୁ ପଠାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଛାଡି ଯିବା ପରେ ଅସହାୟ ଭାବେ ଜଣେ ବୃଦ୍ଧ ପଡିଥିବା ଦେଖି ଡାକ୍ତରଖାନା କର୍ମଚାରୀ ଓ ଡାକ୍ତର ଆସି ତାଙ୍କର ପରୀକ୍ଷା କରିବା ପରେ ସେ ମୃତ ବୋଲି ଜାଣିବାକୁ ପାଇଥିଲେ। ଡାକ୍ତରଖାନା ପକ୍ଷରୁ ଆଠଗଡ ଥାନାକୁ ଖବର ଦିଆଯାଇଥିଲା। ତେବେ ତାଙ୍କର କିଛି ପରିଚୟ ନ ଥିବାରୁ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବାରେ ଅସୁବିଧା ହୋଇଥିଲା। ଏଏସ୍‌ଆଇ ରାଧାନାଥ ରାଉତ ତାଙ୍କ ପରିଚୟ ଯୋଗାଡ କରିବା ସହ ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସଙ୍କୁ ଖବର ଦେଇଥିଲେ। ସରୋଜ ଆଠଗଡର ଖବରଦାତା ସନ୍ତୋଷ ବାରିକଙ୍କୁ ଯୋଗାଯୋଗ କରିଥିଲେ। ପରେ ଖବର ପାଇ ଆଠଗଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟ ଫର ୟୁର ସ୍ୱେଚ୍ଛାସେବୀମାନେ ପହଞ୍ଚି ନିତ୍ୟାନନ୍ଦଙ୍କ ମୃତଦେହକୁ ନେଇ ଭାଗୀରଥୀ ସାଗରଠାରେ ଥିବା ଶ୍ମଶାନରେ ସଂସ୍କାର କରାଇଥିଲେ। ଏଥିରେ ଟିଗିରିଆ ୧ ନଂ. ଜୋନର ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଯୁବ ସଂଗଠକ ଲକ୍ଷ୍ମୀ ନାରାୟଣ ଭଞ୍ଜ, ଜଷ୍ଟ ଫର ୟୁର ସଭାପତି ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଳ ସଙ୍କଟ, ବିଦ୍ୟୁତ୍ ବିଭ୍ରାଟକୁ ନେଇ ଦାବିପତ୍ର

**ଆଠଗଡ,୨୭।୪(ସ୍ୱ.ପ୍ର.)**

ଖରାଦିନେ ଅସହ୍ୟ ହେଉଛି ବିଦ୍ୟୁତ୍ ବିଭ୍ରାଟ ଦିନ ଓ ରାତି ମିଶି ପାଖାପାଖି ୧୫ ରୁ ୨୦ ଥର ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଯେଉଁଥିପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଯୋଗୁ ଛୋଟପିଲା ବୃଦ୍ଧ ଏବଂ ରୋଗୀମାନଙ୍କ ଅବସ୍ଥା କହିଲେ ନସରେ। ଏମିତି ସମୟରେ ଜଳକଷ୍ଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି। ପ୍ରଶାସନ ପକ୍ଷରୁ ଆଠଗଡ଼ ସହରର ସମସ୍ତ ଛକ ଜାଗାରେ ଜଳଛତ୍ର ଖୋଲିବାକୁ ଦାବି ହୋଇଛି। ବିଶେଷ କରି ମା’ ବାଉତୀଙ୍କ ମନ୍ଦିରଠାରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇପଡିଥିଲ। ପ୍ରଶାସନ ପକ୍ଷରୁ ମରାମତି ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

# ବେଆଇନ ଗୁଳି ସୋଡ଼ା ପ୍ରସ୍ତୁତକାରୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ,୨୭।୪**

**୫ ସଂସ୍ଥା ମାଲିକ କରିଛନ୍ତି ରେଜିଷ୍ଟ୍ରେଶନ**

ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ବଜାରରେ ଥଣ୍ଡାପାନୀୟ ବିକ୍ରି ହେଉଛି। ତେବେ ଅନେକ ବ୍ୟବସାୟୀ ପାନୀୟ ପ୍ରସ୍ତୁତ କରି ବିକ୍ରି କରିବା ଆରମ୍ଭ କରିଛନ୍ତି। ଯେଉଁମାନେ ବେଆଇନ ଭାବେ ଏହାକୁ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ସେମାନଙ୍କ ବିରୋଧରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ବଜାରରେ ବିଶେଷକରି ଗୁଳି ସୋଡାର ଚାହିଦା ଅଧିକ ରହୁଛି। ଏହାର ଚାହିଦାକୁ ଦେଖି ଅନେକ ଲୋକ ଏହାକୁ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି। ସେଥି ମଧ୍ୟରୁ ମାତ୍ର ୫ଟି ସଂସ୍ଥା ଏନେଇ ସିଏମ୍‌ସି ନିକଟରେ ରେଜିଷ୍ଟ୍ରେଶନ କରିଛି।

ବୁଧବାର ସ୍ଥାନୀୟ ବିକାଶ ଭବନ ପରିସରରେ ଏହି ୫ଟି ସଂସ୍ଥାର ମାଲିକଙ୍କୁ ନେଇ ସ୍ୱାସ୍ଥ୍ୟ ଅଧିକାରୀ ଏକ ବୈଠକ ଡାକିଥିଲେ। ଏଠାରେ ସମ୍ପୃକ୍ତ ସଂସ୍ଥାର ମାଲିକମାନେ ପ୍ରସ୍ତୁତ କରିଥିବା ସୋଡା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ତେବେ ସେମାନେ ଦେଇଥିବା ସୋଡାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଛି। ଏହି ପାନୀୟର ନାମ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ସଂସ୍ଥାର ମାଲିକମାନଙ୍କୁ କହିଥିଲେ। ଏଥିରେ ଗୋଲି ବ୍ୟବହାର ହେଉଥିବାରୁ ଏହାର ନାମ ଗୁଳି ସୋଡା ରହିଛି। ଏଗୁଡିକ ନିଶାମୁକ୍ତ ପାନୀୟ ହୋଇଥିବାରୁ ଗୁଳି ସୋଡା ପରିବର୍ତ୍ତେ ଅନ୍ୟ ନାମ ରଖିବାକୁ ମହାପାତ୍ର ମାଲିକମାନଙ୍କୁ କହିଛନ୍ତି। ଅପରପକ୍ଷେ ଯେଉଁମାନେ ରେଜିଷ୍ଟ୍ରେଶନ ନ କରି ବ୍ୟବସାୟ କରୁଛନ୍ତି, ସେମାନେ ତୁରନ୍ତ କରିବାକୁ ମହାପାତ୍ର କହିଛନ୍ତି।

# ଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି ଘରୋଇକରଣ ନୀତି

**କଟକ ଅଫିସ, ୨୭।୪**

ଦେଶର ବିଭିନ୍ନ ବର୍ଗର ଜନସାଧାରଣ ଘୋର ସଙ୍କଟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ନିର୍ବାହ କରୁଛନ୍ତି। ଅସ୍ୱାଭାବିକ ଦର, ଟିକସ ବୃଦ୍ଧି, ବେକାରି, ଛଟେଇ, ବିଭିନ୍ନ ସଂସ୍ଥାର ଘରୋଇକରଣ, ଦୁର୍ନୀତି, ନାରୀ ନିର୍ଯାତନା, ମଦ ଓ ଅପସଂସ୍କୃତି ଆଦି ଯୋଗୁ ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଏସ୍‌ୟୁସିଆଇ(ସି) ପଲିଟ୍‌ବ୍ୟୁରୋ ସଦସ୍ୟ ସୌମେନ ବୋଷ କହିଛନ୍ତି। ଏସ୍‌ୟୁସିଆଇ(ସି)ର ୭୪ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କଟକ ଶହୀଦ ଭବନରେ ରାଜ୍ୟସ୍ତରୀୟ ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ନବେ ଦଶକରୁ ଜଗତୀକରଣ-ଘରୋଇକରଣ ନୀତି କାର୍ଯ୍ୟକାରୀ ହୋଇଛି। ବର୍ତ୍ତମାନ କେନ୍ଦ୍ର ସରକାର ଉକ୍ତ ନୀତିକୁ ବହୁଗୁଣିତ କରୁଛନ୍ତି ଓ ମନମୁଖି ଭାବେ କଳା ଆଇନମାନ ପ୍ରଣୟନ କରି ସମସ୍ତ ଗଣତାନ୍ତ୍ରିକ ଅଧିକାରକୁ ହରଣ କରି ଚାଲିଛନ୍ତି। ଏଭଳି ପରିସ୍ଥିତିରେ କମ୍ରେଡ ଶିବଦାସ ଘୋଷଙ୍କ



କଟକ ଶହୀଦ ଭବନରେ ଅନୁଷ୍ଠିତ ସମାବେଶରେ ବିଶ୍ୱାବସୁ ଦାସ ଉଦ୍‌ବୋଧନ ଦେଉଛନ୍ତି।

**ଏସ୍‌ୟୁସିଆଇ(ସି)ର ପ୍ରତିଷ୍ଠା ଦିବସ**

ଦ୍ୱାରା ପ୍ରତିଷ୍ଠିତ ଦଳ ଏସ୍‌ୟୁସିଆଇ(ସି) ହିଁ ଧାରାବାହିକ ଶକ୍ତିଶାଳୀ ଗଣ ଆନ୍ଦୋଳନ କରି ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ କରିପାରିବ। ଏଣୁ ସାଧାରଣ ଲୋକଙ୍କ ନିମନ୍ତେ ଏସ୍‌ୟୁସିଆଇ(ସି)କୁ ଶକ୍ତିଶାଳୀ କରିବାକୁ ବୋଷ ଆହ୍ୱାନ ଦେଇଥିଲେ। ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତା ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। ଦେଶରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ପରିସ୍ଥିତି ବିରୁଦ୍ଧରେ ଏକ ଚିଠା ପ୍ରସ୍ତାବ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅକ୍ଷୟ ଦାସ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବର ସମର୍ଥନରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ଛବି ମହାନ୍ତି ବକ୍ତବ୍ୟ ଦେଇଥିଲେ। ସେହିପରି ୟୁକ୍ରେନ ଉପରେ ରୁଷ୍‌ର ଆକ୍ରମଣ ବିରୋଧରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସ୍ୱୟଂପ୍ରଭା ନାୟକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଏହାର ସମର୍ଥନରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱାବସୁ ଦାସ ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଦଳର ବହୁ ସଂଖ୍ୟକ କର୍ମୀ, ସମର୍ଥକ ଓ ଜନସାଧାରଣ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୂକ, ବଧିର ବେଶରେ ଚୋର
#### ଭୁବନେଶ୍ୱରରୁ ୨ ତାମିଲ ଚୋର ଗିରଫ

**ଭୁବନେଶ୍ୱର, ୨୭।୪ (ବ୍ୟୁରୋ):** ସାବଧାନ! ସହରରେ ମୂକ, ବଧିର ବେଶରେ ବୁଲୁଛନ୍ତି ତାମିଲନାଡୁର ଚୋର। ଦେଖାଉଛନ୍ତି ଦିବ୍ୟାଙ୍ଗ ପ୍ରମାଣପତ୍ର। ଭିକ୍ଷା ମାଗିବା ଆଳରେ ଘରକୁ ଘର, ହଷ୍ଟେଲ, ମେସ୍ ବୁଲି ଚୋରି କରୁଛନ୍ତି। ଏଭଳି ଏକ ଗ୍ୟାଙ୍ଗ୍‌କୁ କମିଶନରେଟ ସ୍ପେଶାଲ ସ୍କ୍ୱାଡ୍ ଧରିଛି। ବୁଧବାର ଗ୍ୟାଙ୍ଗ୍‌ର ୨ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୨୭ ମୋବାଇଲ ଫୋନ, ଗୋଟିଏ ଲାପଟପ, ଡିଏସ୍‌ଏଲ୍‌ଆର୍ କ୍ୟାମେରା ଆଦି ଜବତ କରିଛି। ଏଥିସହ ଜାଲ ମୂକ ଓ ବଧିର ପ୍ରମାଣ ପତ୍ର ଜବତ ମଧ ଜବତ କରାଯାଇଛି। ବଡଗଡ, ଖଣ୍ଡଗିରି ଓ ଶହୀଦନଗର ଥାନାଞ୍ଚଳରେ ହୋଇଥିବା ଚୋରି ଘଟଣାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ଓ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲକମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ୍ ବିଶେଷକରି ସକାଳ ସମୟରେ ବେଶ୍ ସକ୍ରିୟ ରହିଥାନ୍ତି। ହଷ୍ଟେଲରେ ଶୋଇଥିବା ଛାତ୍ରୀଛାତ୍ର ଓ ପ୍ରାତଃଭ୍ରମଣରେ ଯାଉଥିବା ପରିବାର ଉପରେ ନଜର ରଖିଥାନ୍ତି। କବାଟ ଖୋଲା ଥିବାବେଳେ ସେମାନେ ଘର ଭିତରକୁ ପଶି ମୋବାଇଲ, ଲାପଟପ, କ୍ୟାମେରା ଓ ଅନ୍ୟ ସାମଗ୍ରୀ ଚୋରି କରି ଚମ୍ପଟ ମାରିଥାନ୍ତି। ଧରାପଡ଼ିଗଲେ ସେମାନେ ନିଜକୁ ମୂକ ଓ ବଧିର କହିବା ସହ ପାଖରେ ରଖିଥିବା ପ୍ରମାଣପତ୍ରକୁ ଦେଖାଇ ଖସି ଯାଇଥାନ୍ତି। ୫ଦିନ ତଳେ କଳିଙ୍ଗନଗରରେ ରହୁଥିବା ଏକ ମେସରୁ ମଧ ଏମାନେ ଚୋରି କରୁଥିଲେ। ଏମାନଙ୍କୁ ଧରିବାକୁ ସ୍ପେଶାଲ ସ୍କ୍ୱାଡ୍ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଚିହ୍ନଟ କରାଯାଇଥିଲା। ଖଣ୍ଡଗିରି ଥାନା ଅଞ୍ଚଳରେ ବୁଧବାର ସକାଳେ ଉଭୟଙ୍କୁ ପୋଲିସ କାବୁ କରିଥିଲା।

### ରିପୋର୍ଟ ଦେଲେ ୧୧ନଂ. କର୍ପୋରେଟର ପ୍ରଭାସିନୀ

**ଭୁବନେଶ୍ୱର, ୨୭।୪ (ବ୍ୟୁରୋ):** ଜିତିବା ପରେ କ'ଣ ସବୁ କରିଛନ୍ତି, ତା'ର ପ୍ରମାଣ ରଖିଲେ ଭିଏସ୍‌ଏସ୍ ନଗର ୧୧ନଂ ୱାର୍ଡର କର୍ପୋରେଟର୍ ପ୍ରଭାସିନୀ ମହାନ୍ତି। ଜିତିବାର ୩୦ ଦିନ ମଧରେ କରିଥିବା କାର୍ଯ୍ୟ, ଆଗକୁ ଚିନ୍ତା କରିଥିବା କାର୍ଯ୍ୟକ୍ରମ ଏବଂ ଅନ୍ୟ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କରାଯିବ, ସେ ବିଷୟରେ ଆର୍‌ଆଇଟି ସ୍କୁଲ ପରିସରରେ ୱାର୍ଡର ସମସ୍ତ ବିଜେଡି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ଏକତ୍ର ବସି ବୁଧବାର ଆଲୋଚନା କରିଥିଲେ। ବୈଠକକୁ ନାଗରିକ ମଞ୍ଚ ଏବଂ ୱାର୍ଡ ସଭାପତି ମାନ୍ୟ ମହେଶ୍ୱର ବିଶ୍ୱାଳ ଅଧକ୍ଷତା କରିଥିଲେ। ହୃଦୟ ରାମ ବ୍ରହ୍ମ ବୈଠକକୁ ପରିଚାଳନା କରିଥିଲେ। ଏଥିରେ ବିଜେଡିର ଅଞ୍ଜୁବାଳା, ସ୍ୱର୍ଣ୍ଣଲତା ମାହାଲି, କଳ୍ପନା ମହାନ୍ତି, ଅପର୍ଣ୍ଣା, ସୁଚିତ୍ରା, ସୁନିତା ସରକାର, ଲୋକନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହ୍ୟ ତାତି, ଲୋକେ ହନ୍ତସନ୍ତ

**ଖୋର୍ଦ୍ଧା ଅଫିସ, ୨୭।୪**

ପ୍ରଚଣ୍ଡ ଖରା ସାଙ୍ଗକୁ ଗରମ ପବନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପଟେ ବିଦ୍ୟୁତ୍ କାଟ ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ଉପରମୁହାଁ ହେବାରେ ଲାଗିଛି। ଖୋର୍ଦ୍ଧାରେ ଦୈନିକ ତାପମାତ୍ରା ଏବେ ପ୍ରାୟ ୩୮ରୁ ୪୦ ଡିଗ୍ରୀ ରହୁଛି। ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହର ଶୂନଶାନ ରହୁଛି। ଏପରିକି ଗ୍ରାହକ ଆସୁ ନ ଥିବାରୁ ବଜାରର ଏକାଧିକ ଦୋକାନ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଦିନତମାମ ଗହଳି ରହୁଥିବା ନୂଆବସଷ୍ଟାଣ୍ଡ ଜନଶୂନ୍ୟ ରହୁଛି। ଏଠାରୁ ଭୁବନେଶ୍ୱର, ନୟାଗଡ଼କୁ ଘରୋଇ ଯାନବାହନ ଚଳାଚଳ କରିଥାଏ। ତେବେ ବସ୍‌ରେ ଲୋକେ ହେଉ ନାହାନ୍ତି ବୋଲି କେତେଜଣ ଚାଳକ କହିଛନ୍ତି। ପ୍ରାୟ ସମୟରେ ମୋ ବସ୍ ବିନା ଯାତ୍ରୀରେ ଭୁବନେଶ୍ୱର ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ଗୁରୁଜଙ୍ଗର ସାମାଜିକ କର୍ମୀ ପ୍ରଭାତ ବଳିୟାରସିଂ କୁହନ୍ତି, ପୂର୍ବାହ୍ନ



ପ୍ରଚଣ୍ଡ ଖରା ଯୋଗୁ ଖୋର୍ଦ୍ଧା ଅଞ୍ଚଳର ରାସ୍ତାଘାଟ ଶୂନ୍‌ଶାନ୍।

୧୦ଟା ପରେ ଯେପରି ଅଗ୍ନି ବର୍ଷା ହେଉଛି। ଝାଳ ବୋହିବା ସହ ଅଂଶୁଘାତର ଭୟ ରହୁଛି। ଟ୍ରାଫିକ ଛକର ଜଣେ ବ୍ୟବସାୟୀ କୁହନ୍ତି, ଖରା ଯୋଗୁ ଗ୍ରାହକ ଆସୁନାହାନ୍ତି। ଦିନସାରା ବେପାର ନାହିଁ। ଏଭଳି ଆଉ କିଛି ଦିନ ଚାଲିଲେ, ପରିବାର ଚଳାଇବା କଷ୍ଟକର ହୋଇପଡିବ। ଯୁବ ବ୍ୟବସାୟୀ ଅଜିତ ଭୋଇ କୁହନ୍ତି, ନୟାଗଡ଼ ରାସ୍ତାରେ ଜଳଖିଆ ଦୋକାନ ରହିଛି। ଖରାର ପ୍ରଖରତା ବୃଦ୍ଧି ଯୋଗୁ ସକାଳ ୮ଟା ପରେ ଗ୍ରାହକ ଦୋକାନକୁ ଆସୁନାହାନ୍ତି। ବେପାର କଣ ହେବ। ଯାହା ସନ୍ଧ୍ୟାରେ ରୋଜଗାର ହେଉଛି।

### ବଢୁଛି ଆଖୁ ରସ, ତରଭୁଜ, ତାଳସଜ ଚାହିଦା

ପ୍ରଚଣ୍ଡ ଖରା ଯୋଗୁ ମୃଦୁ ଥଣ୍ଡାପାନୀୟ ଆଖୁ ରସ, ତରଭୁଜ, ତାଳସଜର ଚାହିଦା ବୃଦ୍ଧି ପାଇଛି। ଖୋର୍ଦ୍ଧା ସହରର ଏକାଧିକ ସ୍ଥାନରେ ଲସି, ଜୁସ ସେଣ୍ଟର ଖୋଲିଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ କାର୍ଯ୍ୟାଳୟ ଆଗରେ ରହିଥିବା ଆଖୁରସ ଆଗରେ ଭିଡ ଜମାଉଥିବା ଦେଖିବାକୁ ମିଳୁଛି। ସେହିପରି ସହରର ପୁରୁଣା ବସଷ୍ଟାଣ୍ଡ, ନୂଆବସଷ୍ଟାଣ୍ଡ, ଟ୍ରାଫିକ ଛକ, ଗୋଡି ପୋଖରୀ, ମୁକୁନ୍ଦପ୍ରସାଦ ରାସ୍ତାକଡର ମୃଦୁ ପାନୀୟର ଚାହିଦା ବଢ଼ିଛି। ଲସି, ଜୁସ ସେଣ୍ଟରରେ ଲୋକଙ୍କ ଭିଡ଼ ଜମୁଛି। ଗ୍ରାହକଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ଭେରାଇଟିର ଲସି ଜୁସ୍, ୨୦ ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଜଣେ ବ୍ୟବସାୟୀ କହିଛନ୍ତି। ସେହିପରି ବିଭିନ୍ନ ଛକରେ ତାଳସଜା ବିକ୍ରି ଚାଲିଛି। ବସ୍‌କୁ ଅପେକ୍ଷା କରିଥିବା ଲୋକେ ରାସ୍ତାକଡ଼ରେ ତାଳସଜ ଖାଉଥିବା ଦେଖିବାକୁ ମିଳିଛି। ନୂଆବସଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ଏକାଧିକ ତରଭୁଜ ପସାର ମେଲିଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ ଅଟକି ଖାଉଥିବା ଦେଖିବାକୁ ମିଳିଛି। ନୂଆବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ବାଙ୍କିର ଅଜିତ ପ୍ରଧାନ କୁହନ୍ତି, ଖରା ଏତେ ହେଉଛି ୪ଗ୍ଲାସ ଆଖୁରସ ପିଇ ସାରିଲାଣି, ତଥାପି ଶୋଷ ହେଉଛି। ସେହିଭଳି ଫରେଷ୍ଟ ଛକରେ ତରଭୁଜ ଖାଉଥିବା ତପନ ବଳିୟାରସିଂ କୁହନ୍ତି, ଖରା ଏତେ ହେଉଛି ତରଭୁଜ ଖାଇବା ପରେ ଆଶ୍ୱସ୍ତି ଅନୁଭବ ହେଉଛି।

## ପାନୀୟ ଜଳ କିଓସ୍କ ଦାୟିତ୍ୱରେ କିନ୍ନର

**ଭୁବନେଶ୍ୱର, ୨୭।୪ (ବ୍ୟୁରୋ)**

ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ) ଦ୍ୱାରା ବୁଧବାର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ଏହାର ୨୫ ପାନୀୟ ଜଳ କିଓସ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ କିନ୍ନର ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଛି। ମେ' ପହିଲାରୁ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଏହାର ଦୈନନ୍ଦିନ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ପାଇଁ 'ସ୍ୱୀକୃତି କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ'ର ସଦସ୍ୟଙ୍କୁ ନିୟୋଜିତ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ୱାଟ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ଟ୍ରାନ୍ସଜେଣ୍ଡର କମ୍ୟୁନିଟିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ 'ୱାଟ୍‌କୋ'ର ଉଦ୍ଦେଶ୍ୟ। ଏନେଇ ଭୁବନେଶ୍ୱରସ୍ଥିତ ୱାଟ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବାବେଳେ ସ୍ୱୀକୃତି ଟ୍ରାନ୍ସଜେଣ୍ଡର ଏସ୍‌ଏଚ୍‌ଜିର ସଭାନେତ୍ରୀ ମେଘନା ସାହୁ, ସଦସ୍ୟା ଆଇଶା ପ୍ରିୟଦର୍ଶିନୀ ପଣ୍ଡା, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଇଂ. ଶରତ ମିଶ୍ର, ଭୁବନେଶ୍ୱର ଡିଭିଜନ-୧ର ମହାପ୍ରବନ୍ଧକ ଇଂ. ବିଷ୍ଣୁ ଚରଣ ପାଢ଼ୀ ଓ ଶ୍ୟାମଳ କିଶୋର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଧାରଣା ଦେଲେ ଛଟେଇ ଓମ୍‌ଫେଡ୍ କର୍ମଚାରୀ



ଓମ୍‌ଫେଡ୍ କମ୍ପାନୀ ଗେଟ୍ ସମ୍ମୁଖରେ ବୁଧବାର ଛଟେଇ କର୍ମଚାରୀମାନେ ଧାରଣରେ ବସିଛନ୍ତି।

**ବାରଙ୍ଗ, ୨୭।୪ (ଡି.ଏନ୍.ଏ.)**

ବାରଙ୍ଗ ନିକଟସ୍ଥ ଗ୍ରାମରେ ହୋଇଥିବା ଓମ୍‌ଫେଡ କମ୍ପାନୀରୁ ଛଟେଇ କର୍ମଚାରୀ ବୁଧବାର ପୁଣି ଧାରଣାରେ ବସିଛନ୍ତି। ସେହି ପୁରୁଣା ଦାବିକୁ ନେଇ କର୍ମଚାରୀମାନେ ପୁଣି ଧାରଣା ଦେଇଛନ୍ତି। କର୍ମଚାରୀମାନଙ୍କର ଅଭିଯୋଗ ହେଲା, ସେମାନଙ୍କୁ ବେଆଇନ ଭାବେ ଛଟେଇ କରାଯାଇଛି। ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଅଧୀନରେ ଥିବା ଏହି କର୍ମଚାରୀମାନେ ଏଜେନ୍ସି ମାଧ୍ୟମରେ କାମ କରୁଥିବାବେଳେ ଆଇନଗତ ପ୍ରାପ୍ୟ ନ ଦେଇ କାମରୁ ବାହାର କରିଦିଆଯାଇଛି। ୨୦୦୪ ମସିହାରୁ ୨୦ଟଙ୍କା ମଜୁରିରେ କାମ ଆରମ୍ଭ କରି ଏ ପର୍ଯ୍ୟନ୍ତ କାମ କରି ଆସୁଥିଲେ ମଧ ଚାକିରିଗତ ସୁରକ୍ଷା, ଦରମା, ବୋନସ ଓ ମଜୁରି ପ୍ରଥା ଆଇନ, ଗ୍ରାଚ୍ୟୁଇଟି ଓ କଣ୍ଟ୍ରାକ୍ଟ ଲେବର ଆଇନ ଉଲ୍ଲଂଘନ କରାଯାଇ ମ୍ୟାନେଜମେଣ୍ଟ ଓ କଣ୍ଟ୍ରାକଟର ଏଜେନ୍ସି ଷଡଯନ୍ତ୍ର କରି ଏମାନଙ୍କୁ ବାହାର କରିଦେଇଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ଗତ ଫେବୃୟାରୀରେ ଦାବିପତ୍ର ପ୍ରଦାନ କରି ନ୍ୟାୟ ନ ମିଳିବାରୁ ଷ୍ଟ୍ରାଇକ୍ ନୋଟିସ ଦେଇ ମାର୍ଚ୍ଚ ୮ରେ ଓମ୍‌ଫେଡ ପ୍ଲାଣ୍ଟ ଆଗରେ ଅହୋରାତ୍ର ଗଣଧାରଣା ଦେଇଥିଲେ। ସେ ସମୟରେ ଓମ୍‌ଫେଡ ମ୍ୟାନେଜମେଣ୍ଟ ଆସି କର୍ମଚାରୀମାନଙ୍କ ସହ ଆଲୋଚନା କରି ଦୁଇମାସର ଦରମା ୧୦ତାରିଖ ମଧରେ ପ୍ରଦାନ, ବାକି ରହିଯାଇଥିବା ମାସକୁ ୧୫ଟି ଡ୍ୟୁଟି ହିସାବରେ ଏପ୍ରିଲ ୮ ସୁଦ୍ଧା ଦେବାକୁ ଚୁକ୍ତି କରିବା ପରେ ଧାରଣାରୁ କର୍ମଚାରୀମାନେ ଉଠିଥିଲେ। ସମୟାନୁସାରେ ଆକାଉଣ୍ଟକୁ ଟଙ୍କା ଆସିଲା। କିନ୍ତୁ ୨୦ବର୍ଷ ଧରି କାମ କରିଥିବା ଶ୍ରମିକଙ୍କ ଆକାଉଣ୍ଟକୁ ୧୨ରୁ୧୬ ହଜାର ଓ ଯେଉଁମାନେ ୨/୩ ବର୍ଷ କାମ କରିଛନ୍ତି ସେମାନଙ୍କ ଆକାଉଣ୍ଟକୁ ସେମାନଙ୍କଠାରୁ ଅଧିକ ଟଙ୍କା ଆସିଛି ବୋଲି ଧାରଣାରତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହାପରେ ଭିତିରିଆ ନୂଆ ନୂଆ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ମଧ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଛଟେଇ କର୍ମଚାରୀମାନେ ଧାରଣାରେ ବସିରହିଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ବାରଙ୍ଗ ଥାନା ପୋଲିସ ଜଗି ରହିଛନ୍ତି।

## 'ମନୋଜଙ୍କ ଲେଖନୀ ଉପରେ ଗବେଷଣା ଜରୁରୀ'

**ଭୁବନେଶ୍ୱର, ୨୭।୪ (ବ୍ୟୁରୋ)**

ମନୋଜ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ 'ତୁଙ୍ଗିମ ମନୋଜ ସ୍ମୃତିସନ୍ଧ୍ୟା' ବୁଧବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନୋଜ ଦାସଙ୍କ ଶେଷକୃତ୍ୟ ସମୟରେ ତାଙ୍କ ସହ ଥିବା ସ୍ମୃତିକୁ ସେ ଶ୍ରୋତାଙ୍କ ଆଗରେ ଉପସ୍ଥାପନ କରିଥିଲେ। ତାଙ୍କ ଲେଖନୀ ଉପରେ ଗବେଷଣା କରିବା ସହ ଆଗାମୀ ଦିନରେ ଆଉ କିଛି ମନୋଜ ଦାସ ସୃଷ୍ଟି କରିବା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ପାଣିଗ୍ରାହୀ ମତ ଦେଇଥିଲେ। ମନୋଜଙ୍କ ନାଁରେ ଜାତୀୟସ୍ତରରେ ଜଣେ ଇଂଲିଶ ଲେଖକଙ୍କୁ ଦଶଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ ସହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ମୁଖ୍ୟ ଅତିଥି ଏକାଡେମୀର ପୂର୍ବତନ ସଭାପତି ଓ ସାହିତ୍ୟିକ ସାତକଡ଼ି ହୋତା, ସମ୍ମାନିତ ଅତିଥି ଭାବେ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା ଡ. ବିଭୂତି ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇଥିଲେ। ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକ ସଭାରେ ପୌରୋହିତ୍ୟ କରିଥିଲେ।

## ଗ୍ରୀଲ୍ ତାଡ଼ି ୮ଲକ୍ଷ ଟଙ୍କାର ସୁନାଗହଣା ଚୋରି

**ଖୋର୍ଦ୍ଧା ଅଫିସ, ୨୭।୪**

### ଘରେ ପଶି କଳାକନା ବୁଲାଇଦେଲେ

ଖୋର୍ଦ୍ଧା ସହରରେ ଲୁଟେରା ମାତିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ଝରକା ଗ୍ରୀଲ ତାଡି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ପରିବାର ଟାଉନ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଗ୍ରାମର ଜୟନ୍ତ କୁମାର ଦାସ ଖୋର୍ଦ୍ଧା ସାଇନଗରରେ ଏକ ଘର ଭଡା ନେଇ ପରିବାର ସହ ରହୁଛନ୍ତି। ମଙ୍ଗଳବାର ପରିବାର ଲୋକ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ପଛପଟ ଝରକା ଲୁହା ଗ୍ରିଲ ଭାଙ୍ଗି ଘରେ ଭିତରେ ପଶିଥିଲେ। ବେଡରୁମରେ ଥିବା ଗଡରେଜ୍ ତାଡ଼ି ଭିତରେ ଥିବା ସୁନା ଅଳଙ୍କାର ନେଇଯାଇଛନ୍ତି। ସୁନାହାର, ସୁନାଚେନ, କାନଫୁଲ ୨ହଳ, ଚୁଡି ତିନି ହଳ, ସୁନା ମୁଦି ୨୦ଟା, ରୁପା ପାଉଁଜି ୨ହଳ ଏବଂ ନଗଦ ୨ହଜାର ଟଙ୍କା ସହ ଝରକା ଗ୍ରିଲକୁ ମଧ ନେଇଛନ୍ତି। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ଆନୁମାନିକ ୮ଲକ୍ଷ ଟଙ୍କା ହେବ ବୋଲି ଜୟନ୍ତ ଉଲ୍ଲେଖ କରିଛନ୍ତି। ସକାଳୁ ଖବରପାଇ ଜୟନ୍ତ ଦେଖିବା ବେଳେ ଘର ବେଡରୁମ ଏପଟେ ସେପଟେ ପଡିଥିବା ଏବଂ ଗଡରେଜ ଭଙ୍ଗା ଯାଇଥିବା ବେଳେ ସୁନା ଅଳଙ୍କାର ନ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨ଶହ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଦାବି

### ଏଏପିର ଆନ୍ଦୋଳନ ଚେତାବନୀ



ବୈଠକରେ ଉପସ୍ଥିତ ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟମାନେ।

**ବେଗୁନିଆ, ୨୭।୪ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ବାଘମାରୀସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ କଳ୍ପତରୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏଏପିର ଖୋର୍ଦ୍ଧା ଜିଲା ସଭାପତି ଶୁଭାଶିଷ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ବେଗୁନିଆ ବ୍ଲକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବିଦ୍ୟୁତ୍ ସେବା ସଙ୍କଟ ସୃଷ୍ଟି କରିଥିବା ବୈଠକରେ ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ଏହା ସହ ଆବଣ୍ଟନ ବିଦ୍ୟୁତ କମ୍ପାନୀ ଗରିବ ଉପଭୋକ୍ତାଙ୍କ ଉପରେ ଲଦି ଦେଉଛି ଦର ବୃଦ୍ଧିର ବୋଝ। ତେବେ ଗରିବଙ୍କ ମୁଣ୍ଡରୁ ବୋଝ ଓହ୍ଲାଇବା ପାଇଁ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ମଧ ରିହାତିରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଅନ୍ତୁ। ଏପରିକି ପ୍ରତି ମାସରେ ଉପଭୋକ୍ତାଙ୍କଠାରୁ ୨ଶହ ୟୁନିଟ ବିଦ୍ୟୁତ୍ ଛାଡ କରନ୍ତୁ। ନଚେତ ଜନସାଧାରଣଙ୍କ ହିତରେ ଏଏପି ଗଣଆନ୍ଦୋଳନ କରିବ। ଜଙ୍ଗଲ, ଜମି ଓ ଜଳ ଉପରେ ସାଧାରଣ ଜନତାଙ୍କର ଯେଉଁଭଳି ଅଧିକାର ରହିଛି ଠିକ୍ ସେହିଭଳି ବିଦ୍ୟୁତ ଶକ୍ତି କ୍ଷେତ୍ରରେ ମଧ ସମାନ ଅଧିକାର କ'ଣ ପାଇଁ ରହିବ ନାହିଁ ବୋଲି ସାମାଜିକ କର୍ମୀ ବିଚିତ୍ରାନନ୍ଦ ସୁବୁଦ୍ଧି ବୈଠକରେ ସରକାରଙ୍କୁ ଆକ୍ଷେପ କରିଥିଲେ। ସେହିପରି ୨ଶହ ୟୁନିଟ ବିଦ୍ୟୁତ ଛାଡ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ପ୍ରଦାନ କରାଯିବ। ଉକ୍ତ ପତ୍ରରେ ସ୍ଥାନୀୟ ଅଞ୍ଚଳର ୩୦୦ଜଣ ବୁଦ୍ଧିଜୀବୀଙ୍କ ଦସ୍ତଖତ ରହିଛି। ନାରୀ ସଭାନେତ୍ରୀ କବିତା ମହାରଣାଙ୍କ ସହିତ ଏଏପି ଦଳର ବହୁ କର୍ମୀ ବୈଠକରେ ଉପସ୍ଥିତ ଥିଲେ। ଶିଳ୍ପୀ କିଶୋର ବେହେରା ଧନ୍ୟବାଦ ଦେଇଥିଲେ।

## ଅସରଳା ପ୍ରିମିୟର ଲିଗ୍: ୟୁନିକ୍ ଷ୍ଟାର ଚାମ୍ପିୟନ

**ବୋଲଗଡ଼, ୨୭।୪ (ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରଳା କୁଞ୍ଜବନ ଖେଳପଡ଼ିଆରେ ଚାଲିଥିବା ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍. କେ. ସୁପରକିଙ୍ଗ ଟିମ୍‌କୁ ହରାଇ ୟୁନିକ ଷ୍ଟାର ଟିମ ଚାମ୍ପିୟନ ହୋଇଛି। ମ୍ୟାଚ୍‌ଟିରେ ଏମ୍. କେ. ସୁପରକିଙ୍ଗ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବାସହ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୬୮ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିକ ଷ୍ଟାର ଟିମ୍ ୧୧ ଓଭରରେ ୭ ଉଇକେଟ ହରାଇ ୭୦ ରନ ସଂଗ୍ରହ କରି ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ବିଜେତା ଟିମ୍‌ର ସୁଶାନ୍ତ କୁମାର ସାମନ୍ତରାୟ ଶ୍ରେଷ୍ଠ ବୋଲର ଓ ସୌରଭ ରଞ୍ଜନ ବରାଡ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସୁଶାନ୍ତ କୁମାର ସାହୁ ଓ ବିନାୟକ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଶିକ୍ଷାବିତ୍ ସୁବଳ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଦଳ ୟୁନିକ ଷ୍ଟାରଙ୍କୁ ଟ୍ରଫି ସହ ୬ ହଜାର ଟଙ୍କା ଓ ରନର୍ସ ଅପ୍ ଏମ୍. କେ. ସୁପରକିଙ୍ଗଙ୍କୁ ୪ ହଜାର ଟଙ୍କ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକମାନଙ୍କ ତରଫରୁ ଅସରଳା କ୍ରିକେଟ ଟିମ ଓ ଅନ୍ୟମାନେ ସହଯୋଗ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ୟୁନିକ୍ ଷ୍ଟାର ଖେଳାଳିମାନେ।

# ମେକାନିକାଲ ବିଭାଗ ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ମେକାନିକାଲ ବିଭାଗର ଖେଳାଳିମାନେ।

**ଜଟଣୀ, ୨୭।୪ (ଡି.ଏନ୍.ଏ.)**

### ଡିଆର୍‌ଏମ୍ କପ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ

ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏଶନ, ଖୋର୍ଦ୍ଧା ରୋଡ୍ ଦ୍ୱାରା ଆୟୋଜିତ ପ୍ରଥମ ଡିଆର୍‌ଏମ୍ କପ୍ ଆନ୍ତଃବିଭାଗୀୟ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଗତ ୨୦ ତାରିଖରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଖୋର୍ଦ୍ଧା ରୋଡ ମଣ୍ଡଳର ୧୧ଟି ବିଭାଗ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମେକାନିକାଲ ବିଭାଗ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ ରିଙ୍କେଶ ରୟ ବିଜେତା ତଥା ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଙ୍କୁ ମଧ ଟ୍ରଫି ଦିଆଯାଇଥିଲା। ମ୍ୟାନ ଅଫ ଦି ସିରିଜ ଟ୍ରଫି ମେକାନିକାଲ ବିଭାଗର ଏନ. ସୁନୀଲ, ଇଞ୍ଜିନିୟରିଂ ବିଭାଗର ସଞ୍ଜୀ ପନା ଶ୍ରେଷ୍ଠ ସ୍କୋରର ଟ୍ରଫି, ବିଦ୍ୟୁତ୍ ବିଭାଗର ବ୍ଲାକୀ ଲାକ୍ରା ଶ୍ରେଷ୍ଠ ଡିଫେନ୍ସ ଟ୍ରଫି ଏବଂ ବିଦ୍ୟୁତ୍ ବିଭାଗର ଆର୍ ସି ହେଚ ପାଇକରାୟ ଶ୍ରେଷ୍ଠ ଗୋଲ କିପର୍ ଟ୍ରଫି ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳର ମହିଳା କଲ୍ୟାଣ ସଂଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଅଶୋକ କୁମାର, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅମିତେଶ ଆନନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଖେଳକୁ କ୍ରୀଡ଼ା ସଚିବ ଏମ୍ ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧା ରୋଡ୍ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ସଂଯୋଜନା କରିଥିଲେ।

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠପଟା ଜବତ

**ବୋଲଗଡ, ୨୭।୪ (ଡି.ଏନ୍.ଏ.)**

ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନଖଣ୍ଡ ଅଧୀନ ଫାସିଓଦା ପଞ୍ଚାୟତ କୁସୁପଲ୍ଲୀ ଗ୍ରାମରେ ଥିବା ଏକ ଫାର୍ମ ହାଉସରେ ବୁଧବାର ପୋଲିସ ଓ ବନ ବିଭାଗ ତରଫରୁ ମିଳିତ ଚଢାଉ କରାଯାଇଛି। ଏହି ଚଢ଼ାଉରେ ସେଠାରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠପଟା ଜବତ କରାଯାଇଛି। ଘରଭିତରୁ ୩୦ଖଣ୍ଡ ଶାଗୁଆନ କାଠପଟା ସହିତ କେତେକ ଯନ୍ତ୍ରାଂଶ ଜବତ ହୋଇଥିବା ସୂଚନା ମିଳିଛି। ଉକ୍ତ ଫାର୍ମହାଉସରୁ ବାହାରକୁ ଚୋରା କାଠପଟା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ଏଥିନେଇ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଓ ବୋଲଗଡ ଥାନା ପୋଲିସ ବୁଧବାର ପୂର୍ବାହ୍ନରେ ମିଳିତ ଭାବେ ଚଢାଉ କରିଥିଲେ। ତେବେ ପୂର୍ବରୁ ଖବରପାଇ ଫାର୍ମହାଉସ ମାଲିକ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ହୋଇଥିବା କାଠପଟା ସବୁ ବୋଲଗଡ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଏଥିରେ କାହାକୁ ଗିରଫ କରାଯାଇ ନ ଥିବା ବନପାଳ ପ୍ରଦୀପ ପଟ୍ଟନାୟକ କହିଥିବା ବେଳେ ତଦନ୍ତ ଚାଲୁ ରହିଥିବା ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୪।୨୦୨୨

| | |
|---|---|
| ୩,୫୧,୨୯୭ ଟଙ୍କା | |
| ସୁନା | ୪.୨୦୦ ଗ୍ରାମ |
| ରୁପା | ୪୩ ଗ୍ରାମ |

# ଥାନାରେ ଖତ ଖାଉଛି ଜବତ ଗାଡ଼ି

■ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ପୋଲିସ ଗାଡ଼ି

■ ନିଲାମୀ କିମ୍ବା ବିକ୍ରି ପାଇଁ ଆଗ୍ରହ ଦେଖାଉନି ପୋଲିସ

**ପୁରୀ ଅଫିସ,୨୭।୪**

ପୁରୀ ସହରର ବିଭିନ୍ନ ଥାନା ଅଞ୍ଚଳରେ ଘଟୁଥିବା ଆପରାଧିକ ଘଟଣାରେ ବ୍ୟବହୃତ ଦୁଇଚକିଆ, ଚାରିଚକିଆ ଗାଡ଼ି ସବୁ ଜବତ ହୋଇ ଥାନାରେ ରହୁଛି। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଜବତ ଗାଡ଼ିଗୁଡ଼ିକର କାଗଜପତ୍ର ନ ଦେଖାଇବା, ଜରିମାନା ନ ଦେବା, ଚୋରି ଗାଡ଼ି ଆଦି ହୋଇଥିବାରୁ ଗାଡ଼ିଗୁଡ଼ିକ ସେଭଳି ପଡିରହୁଛି। ଫଳରେ ଏଭଳି ବର୍ଷତମାମ ହଜାର ହଜାର ଗାଡ଼ି ଥାନାରେ ପଡ଼ିରହି ବର୍ଷାପାଣି, ଖରା, କଳଙ୍କି ଲାଗି ଖତ ଖାଇବାରେ ଲାଗିଛି। ସେହିଭଳି ପୁରୀ ପୋଲିସ ରିଜର୍ଭଠାରେ ମଧ୍ୟ ପୋଲିସର ଅବ୍ୟବହୃତ ଗାଡ଼ି ବର୍ଷ ବର୍ଷ ଧରି ପଡ଼ି ଅଳିଆ ହେବାରେ ଲାଗିଛି। ଚାରିଚକିଆ ଯାନ ଓ ଜିପ୍ ଇତ୍ୟାଦି ନଷ୍ଟ ହୋଇପଡ଼ିଛି। ବାସେଳି ସାହି ଥାନା ଭଳି ଅନ୍ୟ ଥାନାରେ ସ୍ଥାନ ଅଭାବରୁ ଜବତ ଜେସିବି ଓ ଟ୍ରାକ୍ଟର ଇତ୍ୟାଦି ରାସ୍ତା ଉପରେ ପଡ଼ି ଖତ ଖାଉଛି। ଫଳରେ ଯାତାୟାତ ରାସ୍ତା ମଧ୍ୟ ସଙ୍କୁଚିତ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।



ଗାଡ଼ିଗୁଡ଼ିକର ନିଲାମ କରି କିଛି ରାଜସ୍ୱ ଏକାଠି କରିବା ସପକ୍ଷରେ ସହରବାସୀ ମତପୋଷଣ କରୁଛନ୍ତି। ଗତ ବର୍ଷ ପୋଲିସ ଡିଜି ଏନେଇ ରାଜ୍ୟର ସବୁ ଜିଲାର ଏସ୍‌ପିଙ୍କୁ ଚିଠି କରିଥିଲେ। ଚିଠିରେ କୁହାଯାଇଥିଲା, ମାଲ୍ ଖାନା ଓ ପୋଲିସ ଷ୍ଟେଶନରେ ଥିବା ଗାଡ଼ିଗୁଡ଼ିକୁ ନିଲାମ ଓ ବିକ୍ରି କରିବା ପାଇଁ ଛାପା ଗଣମାଧ୍ୟମରେ ବିଜ୍ଞାପନ ଦିଆଯାଉ। ବିଜ୍ଞାପନ ପରେ ବି ଯଦି କେହି ଯାନବାହନର ମାଲିକାନା ନେବା ପାଇଁ ନ ଆସିଲେ, ଗାଡ଼ିଗୁଡ଼ିକୁ ତୁରନ୍ତ ନିଲାମ କିମ୍ବା ବିକ୍ରି କରାଯାଉ। ଏହାସହ ବିଚାରାଧୀନ ମାମଲାରେ ମଧ୍ୟ ଜିଲା ଜଜଙ୍କ ସହ ଆଲୋଚନା କରି ଯେଉଁ ଯାନବାହନକୁ ଖଲାସ କରାଯାଇପାରିବ ତାହାକୁ ତୁରନ୍ତ ଖଲାସ କରାଯାଉ ବୋଲି ଡିଜିପି କହିଥିଲେ। ଜବତ ଯାନବାହନ ଖଲାସ କରିବା କଥା ତ ଦୂରର କଥା, ପୁରୀ ପୋଲିସ ନିଜେ ବ୍ୟବହାର କରିଥିବା ପୁରୁଣା ଗାଡ଼ିକୁ ପୋଲିସ ରିଜର୍ଭରେ ପକାଇ ନଷ୍ଟ କରୁଛି। ଏଣୁ ଏହାକୁ ତୁରନ୍ତ ବିକ୍ରି ଓ ନିଲାମୀ କରି ରାଜସ୍ୱ ଆଦାୟ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା। ୨୦ ବର୍ଷ ଧରି ଜବତ ଗାଡ଼ି ପଡ଼ି ରହିଛି। ଗାଡ଼ିର ମାଲିକାନା ପାଇଁ ଆଗକୁ ଆସୁଥିବା କିମ୍ବା ମାଲିକଙ୍କ ସମ୍ପର୍କରେ ଜଣାଥିବା ଗାଡ଼ିକୁ ପୋଲିସ ଖଲାସ କରିବା ଉପରେ ଧ୍ୟାନ ଦେବା ଦରକାର। ଅନ୍ୟପକ୍ଷେ ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, କୋର୍ଟରେ ଅଧିକାଂଶ ମାମଲା ବିଚାରାଧୀନ ଥିବା ହେତୁ ଗାଡ଼ିକୁ ଖଲାସ କରାଯାଇପାରୁ ନାହିଁ। ପାଖାପାଖି ୨୦ ବର୍ଷ ପୁରୁଣା ଗାଡ଼ି ମଧ୍ୟ ପୋଲିସ ଷ୍ଟେଶନରେ ପଡ଼ିରହିଛି। ଯେଉଁ ଗାଡ଼ିକୁ କାଗଜପତ୍ର ଯାଞ୍ଚ କରି ଖଲାସ କରାଯାଇପାରିବ ତାହାକୁ ଖଲାସ କରାଯାଉଛି। ପୋଲିସ ରିଜର୍ଭରେ ଥିବା ଯାନବାହନକୁ ମଧ୍ୟ ଖଲାସ କରାଯିବ ବୋଲି ସେ କହିଛନ୍ତି। ବର୍ଷେ ତଳେ ଭୁବନେଶ୍ୱର ଯାଆଁଳା ଫାଣ୍ଡିରେ ଜବତ ହୋଇଥିବା କାର୍ ଭିତରୁ ଜଣେ ମୃତବ୍ୟକ୍ତିଙ୍କ କଙ୍କାଳ ପଡ଼ିରହିଥିଲା। ପୁରୀ ମାଲଖାନା ଓ ପୋଲିସ ରିଜର୍ଭରେ ମଧ୍ୟ ବର୍ଷ ବର୍ଷ ଧରି ଚାରିଚକିଆ ଯାନ ପଡ଼ିରହିଛି। ଏସବୁକୁ ପ୍ରଥମେ ଯାଞ୍ଚ କରାଯାଉ ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି।

## ବଟି ମାଗି, ମାଡ଼ ମାରି ସୁପରଭାଇଜର ଗିରଫ

**ପୁରୀ ଅଫିସ, ୨୭।୪**

ବଟି ମାଗିବା, ମାଡ଼ ମାରିବା ଓ ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନନ୍ୟା ରିସୋର୍ଟରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କାକଟପୁର ଥାନା ଅଞ୍ଚଳର ରାଜେନ୍ଦ୍ର ବିଶ୍ୱାଳ (୩୧)। ପୋଲିସ ତାଙ୍କ ନିକଟରୁ ୩ ହଜାର ଟଙ୍କା ଜବତ କରିଛି। ଏନେଇ ଏକ କେସ୍ (ନଂ. ୯୬/୨୨) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟାରେ ସନ୍ତୋଷ କୁମାର ପରିଡ଼ା ଥାନାରେ ଅଭିଯୋଗ କରିଥିଲେ ଯେ, ଭିଆଇପି ରୋଡ୍‌ରେ ତାଙ୍କର ଏକ ଦୋକାନ ରହିଛି। ସନ୍ଧ୍ୟା ପ୍ରାୟ ୬ଟାରେ ଅଭିଯୁକ୍ତ ରାଜେନ୍ଦ୍ର ତାଙ୍କ ଦୋକାନକୁ ଆସି ପାଣି ବୋତଲ, କୋଲଡ୍ରିଙ୍କ୍ସ, ସିଗାରେଟ ଏବଂ ବଟି ବାବଦକୁ ୧ ହଜାର ଟଙ୍କା ମାଗିଥିଲେ। ସନ୍ତୋଷ ଟଙ୍କା ଦେବାକୁ ମନା କରିବାରୁ ରାଜେନ୍ଦ୍ର ତାଙ୍କୁ ଚାପୁଡ଼ା ମାରିବା ସହ ଦୋକାନ କ୍ୟାଶ୍‌ବକ୍ସରୁ ୩ ହଜାର ଟଙ୍କା ନେଇଯାଇଥିଲେ। ଯିବା ସମୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗିରଫ

**ବାଇକ୍, ଫୋନ୍, ଟଙ୍କା ଜବତ**

**ପୁରୀ ଅଫିସ, ୨୭।୪:** ଗଞ୍ଜେଇ ଚାଲାଣ ଅଭିଯୋଗରେ ସଦର ଥାନା ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ଗୋପୀନାଥପୁରର ନୀଳକଣ୍ଠ ସାସମଲ ଏବଂ ମଦନ ଜେନା। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍, ଗୋଟିଏ ବାଇକ୍, ନଗଦ ୪୦ ହଜାର ଟଙ୍କା, ୮ କେଜି ଗଞ୍ଜେଇ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ଏବଂ ଅଫିମ ମସଲା ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୨୩/୨୨) ରୁଜୁ କରିଛି। ତଦନ୍ତ ପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ଥାନାରୁ ଫେରାର ୩ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ଡେଲାଙ୍ଗ,୨୭।୪(ଡି.ଏନ୍.ଏ.):** ଡେଲାଙ୍ଗ ଥାନାରୁ ଚମ୍ପଟ୍ ମାରିଥିବା ଅଭିଯୁକ୍ତ କାଳିଆ ମାଝୀ(୨୩)ଙ୍କ ସମେତ ଚିଙ୍ଗୁଡି ମେଳଣ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ପିପିଲି କୋର୍ଟକୁ ଚାଲାଣ କରାଯାଇଥିବାବେଳେ ନାବାଳକ ଜଣଙ୍କୁ ପୁରୀ କୋର୍ଟରେ ହାଜର କରାଯାଇଛି। ସୂଚନାନୁଯାୟୀ, ଡେଲାଙ୍ଗ ଥାନା ଅନ୍ତର୍ଗତ ବ୍ରହ୍ମଣ ତରବୋଇ ଗ୍ରାମରେ ଚିଙ୍ଗୁଡି ମେଳଣରେ କମେଣ୍ଟମରାକୁ ନେଇ ଗଣ୍ଡଗୋଳ ହୋଇଥିଲା। ହାତପାଇରେ ୬ଜଣ ଆହତ ହୋଇଥିଲେ। ଏନେଇ ଥାନା ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିଲା। ପୋଲିସ ମୁଖ୍ୟ ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି ଥାନାରେ ହାଜର କରିଥିଲା। ଅଭିଯୁକ୍ତ କାଳିଆ ଥାନାରୁ ଚମ୍ପଟ୍ ମାରିବାରେ ସଫଳ ହୋଇଥିଲା। ପରେ ଏନେଇ ବ୍ରାହ୍ମଣ ତରବୋଇ ଗ୍ରାମବାସୀ ଥାନା ସମ୍ମୁଖରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି କାଳିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାର ପ୍ରତିଶ୍ରୁତି ଦେଇଥିଲା। ପରେ ଆଇଆଇସି ଅନିଲ ମହାନ୍ତି ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରି କାଳିଆ ଜଟଣୀ ପ୍ଲାଟଫର୍ମରେ ଚେନ୍ନାଇ ଯିବା ପାଇଁ ଟିକେଟ କରୁଥିବାବେଳେ ପୋଲିସ ଗିରଫ କରିଥିଲା। ଅନ୍ୟ ୨ ଜଣ ରମାକାନ୍ତ ମାଝୀ(୩୮) ଓ ଜଣେ ୧୬ ବର୍ଷର ନାବାଳକଙ୍କୁ ପିପିଲି ଟୋଲଗେଟ୍ ନିକଟରୁ ଗିରଫ କରାଯାଇଥିଲା।

### ଗ୍ରୀଲ ତାଡ଼ି ୮ ଲକ୍ଷ ଟଙ୍କାର ସୁନାଗହଣା ଚୋରି

**ଖୋର୍ଦ୍ଧା ଅଫିସ,୨୭।୪ :** ଖୋର୍ଦ୍ଧା ସହରରେ ଲୁଟେରା ମାତିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଘରେ କେହି ନଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଝରକା ଗ୍ରୀଲ ତାଡି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ପରିବାର ଟାଉନ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଗ୍ରାମର ଜୟନ୍ତ କୁମାର ଦାସ, ଖୋର୍ଦ୍ଧା ସାଇନଗରରେ ଏକ ଘର ଭଡା ନେଇ ପରିବାର ସହ ରହୁଛନ୍ତି। ମଙ୍ଗଳବାର ପରିବାର ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘର ପଛପଟ ଝରକା ଲୁହା ଗ୍ରିଲ ଭାଙ୍ଗି ଘରେ ଭିତରେ ପଶିଥିଲେ। ବେଡରୁମରେ ଥିବା ଗଡରେଜ୍ ତାଡ଼ି ଭିତରେ ଥିବା ସୁନା ଅଳଙ୍କାର ନେଇଯାଇଛନ୍ତି। ସୁନାହାର, ସୁନାଚେନ, କାନଫୁଲ ୨ହଳ, ଚୁଡି ତିନି ହଳ, ସୁନା ମୁଦି ୨୦ଟା, ରୁପା ପାଉଁଜି ୨ହଳ ଏବଂ ନଗଦ ୨ହଜାର ଟଙ୍କା ସହ ଝରକା ଗ୍ରିଲକୁ ମଧ ନେଇଛନ୍ତି। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ଆନୁମାନିକ ୮ଲକ୍ଷ ଟଙ୍କା ହେବ ବୋଲି ଜୟନ୍ତ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି।



ପକ୍ଷୀଘର ପ୍ରକାଶନୀ ପକ୍ଷରୁ ବୁଧବାର ପୁରୀ ୟୁଥ୍ ହଷ୍ଟେଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଦେବୀ ପ୍ରସାଦ ମହାପାତ୍ରଙ୍କ 'ପ୍ରଜାପତିର ଡେଣାରେ' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହେଲା ମହାସ୍ନାନ

**ପୁରୀ ଅଫିସ, ୨୭।୪**

ଶ୍ରୀମନ୍ଦିରରେ ବୁଧବାର ସକାଳେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ଜଣେ ସେବକ ରତ୍ନସିଂହାସନରେ ମୁଣ୍ଡିଆ ମାରିବା ସମୟରେ ମହାପ୍ରଭୁଙ୍କ ବାଡ଼ରେ ପାଳିଆ ପୁଷ୍ପାଳକଙ୍କ ଗୋଡ଼ରେ ବାଜିଯିବାରୁ ଛୁଆଁ ମହାସ୍ନାନ ଘଟିଥିଲା। ଫଳରେ ସମସ୍ତ ନୀତିକୁ ସେଠାରେ ବନ୍ଦ ରଖାଯିବା ସହ ଦର୍ଶନ ବନ୍ଦ କରାଯାଇ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ନୀତି ସକାଳ ୭.୨୫ ମିନିଟ୍‌ରୁ ଆରମ୍ଭ ହୋଇ ୭.୪୦ମିନିଟ୍‌ରେ ସରିଥିଲା। ମହାସ୍ନାନ ନୀତି ନିମନ୍ତେ ମହାପ୍ରଭୁଙ୍କ ଦର୍ଶନ ପ୍ରାୟ ୧୫ରୁ ୨୦ମିନିଟ ବନ୍ଦ ରହିଥିଲା। ସେହିପରି ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ରତ୍ନସିଂହାସନ ଆଗରେ ଯଦି କୌଣସି ଭକ୍ତ ବା ସେବାୟତ ପଡ଼ି ଆହତ ହେବା ବେଳେ ରକ୍ତ ପଡ଼ିଥାଏ, କେହି ବାନ୍ତି ବା ପରିଶ୍ରା ଆଦି କରିଥିବାର ଦେଖାଯାଏ ବା ନୀତି ସମୟରେ ମହାପ୍ରଭୁଙ୍କୁ କେହି ସ୍ପର୍ଶ କରିଦିଅନ୍ତି ତାହାଲେ ମହାପ୍ରଭୁଙ୍କ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟ ମହାପ୍ରଭୁଙ୍କ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ଭକ୍ତମାନେ ଦର୍ଶନ କରୁଥିବା ସମୟରେ କେହି ଶିଶୁ ଭିତର କାଠ ନିକଟରେ ପରିଶ୍ରା କରିଦେଇଥିଲେ। ଫଳରେ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ କାରଣକୁ ନେଇ ୬ ଥର ମହାସ୍ନାନ ନୀତି ଅନୁଷ୍ଠିତ ହେଲାଣି।

## ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା, ୧୩୮୦ ରୋଗୀ ଚିକିତ୍ସିତ

**ଅସ୍ତରଙ୍ଗ,୨୭।୪(ଡି.ଏନ୍.ଏ.)**

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅସ୍ତରଙ୍ଗ ବ୍ଲକ ଅଧୀନ ସୁରେନ୍ଦ୍ରନାଥ ବିଦ୍ୟାପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ପାଟଳଦା ସରପଞ୍ଚ ଯଶୋବନ୍ତ ନାୟକ, ସମିତି ସଭ୍ୟ ମନ୍ଦାକିନୀ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମେଳାରେ ୧୨ଟି ସ୍ୱାସ୍ଥ୍ୟଗତ ବିଭାଗକୁ ନେଇ ସମୁଦାୟ ୨୮ଟି ଷ୍ଟଲ ଆୟୋଜନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ସମୁଦାୟ ୧୩୮୦ଜଣ ରୋଗୀ ମେଳାରେ ଡାକ୍ତରଙ୍କଠାରୁ ପରୀକ୍ଷା କରାଇବା ସହ ଔଷଧ ନେଇଥିଲେ। ସିଡିପିଓ ଅରୁଣା କରଙ୍କ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ, ୧୦୪ ଜଣ ଆଶାକର୍ମୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୮ ଜଣ ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍ ପକ୍ଷରୁ ୧୪ ଜଣ ନିୟୋଜିତ ହୋଇଥିଲେ। ମେଳାରେ ଫାର୍ମାସିଷ୍ଟ ଭାଗୀରଥି ଦାସ, ଡିପିଏମ୍ ଟି. ନାରାୟଣ ରାଓ, ବିପିଏମ୍ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି।

## ମଙ୍ଗଳା ମନ୍ଦିରରୁ ଚୋରି କରିବାବେଳେ ଅଭିଯୁକ୍ତ ଗିରଫ

**ବଳଙ୍ଗା,୨୭।୪(ଡି.ଏନ୍.ଏ.)**

ବଳଙ୍ଗା ଥାନା ଷଣ୍ଢଗୋରଡା ଗ୍ରାମର ମଙ୍ଗଳା ମନ୍ଦିର ହୁଣ୍ଡିରୁ ଜଣେ ଯୁବକ ଚୋରି କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ସେ ହେଲେ ଘୋଡକ ଯୋଗୀ ସାହିର ବାଙ୍କନାଥ(୩୩)। ଏନେଇ ପୋଲିସ ୮୨/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ଅଭିଯୁକ୍ତ ଜଣଙ୍କ ମନ୍ଦିର ହୁଣ୍ଡିରୁ ଚୋରି କରୁଥିବାବେଳେ ଗ୍ରାମର ଅଭୟ ପ୍ରଧାନ ସେହି ସମୟରେ ପାଖ ଗାଁରୁ ଯାତ୍ରା ଦେଖି ଘରକୁ ଫେରୁଥିଲେ। ସେ ବାଙ୍କନାଥଙ୍କୁ ମନ୍ଦିରରେ ଦେଖି ସନ୍ଦେହ ହେବାରୁ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଏହି ସମୟରେ ଅଭିଯୁକ୍ତ ସେଠାରୁ ଖସି ପଳାଉଥିବା ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତାଙ୍କୁ ଧରି ଥାନା ଜିମା ଦେଇଥିଲେ।

## ୩୧୬ ନଂ. ଜାତୀୟ ରାଜପଥରେ ୪୩ ଦୁର୍ଘଟଣାପ୍ରବଣ ସ୍ଥାନ



ବୈଠକରେ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଅନ୍ୟମାନେ।

■ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

■ ବେଗ ନିୟନ୍ତ୍ରଣ ଫଳକ ଲଗାଇବା ଓ ସ୍କୁଲ ବସ୍ ଯାଞ୍ଚକୁ ଗୁରୁତ୍ୱ

**ପୁରୀ ଅଫିସ,୨୭।୪(ଡି.ଏନ୍.ଏ.)**

ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ବୁଧବାର ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୧୬ନଂ. ଜାତୀୟ ରାଜପଥରେ ଥିବା ୪୩ଟି ଦୁର୍ଘଟଣା ପ୍ରବଣ ସ୍ଥାନ ସମ୍ପର୍କରେ ପଦକ୍ଷେପ ନେବା, ୧୦ଟି ସ୍ଥାନରେ ଗତି ନିୟନ୍ତ୍ରଣ ଫଳକ ଲଗାଇବା, ବେଆଇନ ଅବରୋଧ ହଟେଇବା, ସତ୍ୟବାଦୀ, ସାତଶଙ୍ଖ, ପଟ୍ଟନାଇକିଆ ଛକ, ମାଳତୀପାଟପୁର ଏବଂ ହରେକୃଷ୍ଣପୁରଠାରେ ଆଲୋକୀକରଣ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ରୋଡ ମରାମତି, ଚକ୍ରତୀର୍ଥ ରୋଡରେ ପାର୍କିଂ ନିୟନ୍ତ୍ରଣ, ଦୁର୍ଘଟଣାରେ ଆହତଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ସ୍କୁଲ ବସ ଯାଞ୍ଚ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଆଞ୍ଚଳିକ ପରିବହନ ଅଧିକାରୀ ସମିର ଦଳାଇ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ସାଇଟ ଇଞ୍ଜିନିୟର ଜୟନ୍ତ କୁମାର, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ଲଲାଟେନ୍ଦୁ ମିଶ୍ର, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମହେନ୍ଦ୍ର ବିଶ୍ୱାଳ ଏବଂ ମୋଟର ଯାନ ନିରୀକ୍ଷକ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରହଣଖଣ୍ଡିଆ ଚିହ୍ନଟ, ଚିକିତ୍ସା ପରାମର୍ଶ ଶିବିର

**ପୁରୀ ଅଫିସ,୨୭।୪(ଡି.ଏନ୍.ଏ.)**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଗ୍ରହଣଖଣ୍ଡିଆ ଚିହ୍ନଟ ଓ ଚିକିତ୍ସା ନିମନ୍ତେ ପରାମର୍ଶ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାର ୧୧ଟି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୧ଟି ମୋବାଇଲ ହେଲ୍‌ଥ ଟିମ୍ ଜରିଆରେ ଜନ୍ମରୁ ୧୮ ବର୍ଷ ବୟସ ମଧ୍ୟରେ ୩୪ ଜଣ ଗ୍ରହଣଖଣ୍ଡିଆ ଏବଂ ୧୫ ଜଣ ପ୍ଲାଷ୍ଟିକ ସର୍ଜରି ଆବଶ୍ୟକ କରୁଥିବା ଶିଶୁ ଯୋଗଦେଇଥିଲେ। ଏସ୍‌ବିଏମ୍ ହସ୍ପିଟାଲର ନିର୍ଦ୍ଦେଶକ ଡ. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଡ. ମାନସ ନାୟକ ଏବଂ ଟିମ୍ ଯୋଗଦେଇ ଉପସ୍ଥିତ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ସେମାନଙ୍କର ଅସ୍ତ୍ରୋପଚାର ଜନିତ ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସେବା ଅଧିକାରିଣୀ ଡ. ସୁଜାତା ମିଶ୍ର ଯୋଗଦେଇ ଶିଶୁଙ୍କ ଅଭିଭାବକମାନଙ୍କୁ ଆର୍‌ବିଏସ୍‌କେ ମାଧ୍ୟମରେ ମାଗଣା ଚିକିତ୍ସା କରାଇବା ନେଇ ବୁଝାଇଥିଲେ। ଏହି ଅବସରରେ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ନବଜାତ କେନ୍ଦ୍ରର ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାକକ୍ଷରେ ନବଜାତକଙ୍କ ଜନ୍ମଗତ ତ୍ରୁଟିର ଚିହ୍ନଟ ଏବଂ ନିରାକରଣ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରଗୁଡିକରେ ନବଜାତକଙ୍କ ସେବା ନିମନ୍ତେ ୧୩ଟି ଚିକିତ୍ସା ଉପକରଣ ଯୋଗାଇ ଦିଆଯାଇଥିଲା। ଏଡିଏମ୍‌ଓ ଡ. ପ୍ରଣବ ଶଙ୍କର ଦାସ ଏବଂ ଟି. ନାରାୟଣ ରାଓଙ୍କ ତତ୍ତ୍ୱାବଧାନରେ ଆରବିଏସ୍‌କେ ମ୍ୟାନେଜର ପ୍ରଶାନ୍ତ ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃଷକ ଉପଦେଷ୍ଟା କମିଟି ବୈଠକ

**କାକଟପୁର,୨୭।୪(ଡି.ଏନ୍.ଏ.)**

କାକଟପୁର ବ୍ଲକ କୃଷି ବିଭାଗ ପରିସର ସଭାଗୃହରେ ବୁଧବାର କୃଷକ ଉପଦେଷ୍ଟା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆବାହକ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସହକାରୀ କୃଷି ଅଧିକାରୀ ଅଙ୍କିତ ବେହେରା, ସହକାରୀ ଉଦ୍ୟାନ ଅଧିକାରୀ ଯୁଗଳ କିଶୋର ବାର୍ଲା, ବୈଷୟିକ ପରିଚାଳକ ମନମୋହନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବିଗତ ୨ବର୍ଷ ମଧ୍ୟରେ ଉପଦେଷ୍ଟା କମିଟିର କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ଉପରେ ଆଲୋକପାତ କରାଯିବା ସହ ବର୍ତ୍ତମାନ ସରକାରୀ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସଭ୍ୟମାନଙ୍କୁ ସୂଚନା ଦିଆଯାଇଥିଲା। ଚାଷୀ ପ୍ରହଲ୍ଲାଦ ସାହୁଙ୍କ ପ୍ରସ୍ତାବ ମୁତାବକ ଇନ୍ସ୍ୟୁରାନ୍ସ ପାଇଁ ବ୍ଲକକୁ ୟୁନିଟ୍ ଧରା ନ ଯାଇ ପ୍ରତି ଚାଷୀଙ୍କୁ ବ୍ୟକ୍ତିଗତ ଭାବେ ୟୁନିଟ୍ ଧରାଗଲେ ଚାଷୀମାନେ ଉପକୃତ ହେବେ ବୋଲି ବିବରଣୀରେ ସ୍ଥାନିତ କରି ସରକାରଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ।

## ଖାଲିପଡ଼ିଛି ଅତିରିକ୍ତ ତହସିଲଦାର ପଦବୀ

**କାକଟପୁର,୨୭।୪(ଡି.ଏନ୍.ଏ.)**

କାକଟପୁର ତହସିଲରେ ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଛି। ଅଫିସରେ ଟ୍ରେଜେରି ଅଫିସର ନ ଥିବାବେଳେ ତହସିଲଦାର ଟ୍ରେଜେରି କାର୍ଯ୍ୟ ତୁଲାଉଛନ୍ତି। ବହୁ ଦୂରାଞ୍ଚଳ ସମେତ କୋଣାର୍କ ଏବଂ ଆଖପାଖ ଗ୍ରାମର ଲୋକେ ଜମିବାଡି କାମ, ଛାତ୍ରୀଛାତ୍ର ସାର୍ଟିଫିକେଟ କାମ ପାଇଁ ଆସିଥିବାବେଳେ ତହସିଲଦାର ନ ଥିବାରୁ ନିରାଶରେ ଫେରୁଛନ୍ତି। ପୁରୀ ଜିଲାପାଳ ଓ ରାଜସ୍ୱ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗ ପ୍ରତି ଦୃଷ୍ଟି ଦେଇ ତୁରନ୍ତ କାକଟପୁର ତହସିଲରେ ଅତିରିକ୍ତ ତହସିଲଦାର ପଦବୀ ପୂରଣ କରିବାକୁ କାକଟପୁର ଅଞ୍ଚଳବାସୀଙ୍କ ପକ୍ଷରୁ ହଟ କିଶୋର ତ୍ରିପାଠୀ ଦୃଢ଼ ଦାବି କରିଛନ୍ତି।



ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଶୋଭାଯାତ୍ରା ବିରୋଧରେ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ଏବଂ ବିଜେଡି ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି।

## 'ନିମାପଡ଼ାକୁ ପ୍ରତିଷ୍ଠିତ ଏନ୍‌ଏସି କରିବାକୁ ଆହ୍ୱାନ'

**ନିମାପଡ଼ା,୨୭।୪(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସିକୁ ସାରା ରାଜ୍ୟରେ ଏକ ବିକଶିତ ଓ ବିକାଶମୁଖୀ ଏନ୍‌ଏସିରେ ପରିଣତ କରିବାକୁ ସମସ୍ତ କାଉନସିଲର ଓ ପୌରବାସୀମାନେ ସହଯୋଗ କରିବା ଲାଗି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଏନ୍‌ଏସିର ପ୍ରଥମ କାଉନସିଲ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ଏକ ଦୁର୍ନୀତିମୁକ୍ତ, ବିକଶିତ ଏନ୍‌ଏସି ଗଠନ ଆମର ମୂଳମନ୍ତ୍ର ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ବୈଠକରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର, ଶଶିଭୂଷଣ ମହାନ୍ତି, ଏନ୍‌ଏସି ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଥମ ସମାରୋହରେ ଏନ୍‌ଏସି ଅଞ୍ଚଳରେ ଥିବା ସୈରାତଗୁଡ଼ିକର ନିଲାମ କରାଯିବା, ଏନ୍‌ଏସି ଅଞ୍ଚଳରେ ନୂତନ ଭେଣ୍ଡିଂ ଜୋନ, ରାସ୍ତା କାର୍ଯ୍ୟ ଆଦି ଉନ୍ନତି କାର୍ଯ୍ୟ ପ୍ରତି ବିହିତ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୨୧କୋଟି ଟଙ୍କା ବ୍ୟୟ ଅଟକଳରେ ଛେନୁଅଁ ଗ୍ରାମଠାରୁ ପାଟପୁର ମୁସଲମାନ ବସ୍ତି ପର୍ଯ୍ୟନ୍ତ ୮କିମି କେନାଲ ବନ୍ଧ ରାସ୍ତାର ଲାଇନିଂ ଓ ମୋହନ ଦାଶମାର୍ଗର ପ୍ରଶସ୍ତୀକରଣ ବ୍ୟବସ୍ଥା କରାଯିବା ପାଇଁ ମନ୍ତ୍ରୀ ଦାଶଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏନ୍‌ଏସିର ୭ନଂ. ୱାର୍ଡରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଗୋପୀନାଥ କଲ୍ୟାଣ ମଣ୍ଡପ, ୨ଲକ୍ଷ ଟଙ୍କା ବ୍ୟୟରେ ସବୁଜ ନାରୀମହଲକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅତିଥି ଭାବେ ଜଳ ସମ୍ପଦର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାସ, କାଉନସିଲର ନିବେଦିତା ପଟ୍ଟନାୟକ, ବିଜେଡି ନଗର ସଭାପତି ଜୀବନାଶନ ମହାପାତ୍ର, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କ୍ଷୀତିଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପରେ ନିମାପଡ଼ା କଲେଜରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୯୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହ ନିମାପଡ଼ା ଥାନା ଛକରେ ଏକ ଜଳଛତ୍ର କରାଯାଇଥିଲା।

### ବିଭିନ୍ନ ସ୍ଥାନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ



ମନ୍ତ୍ରୀ ସମୀର ରଞ୍ଜନ ଦାଶ କେନାଲ ବନ୍ଧ ସମ୍ପ୍ରସାରଣ ରାସ୍ତାର ଶିଳାନ୍ୟାସ କରୁଛନ୍ତି।